ଲାଇଫଷ୍ଟାଇଲ ବ୍ରାଣ୍ଡ ଫାବ୍ ଇଣ୍ଡିଆର ନୂଆ ଷ୍ଟୋର ବାଲେଶ୍ୱର ଆଇଟିଆଇ ଛକରେ ଖୋଲିଛି। ବଲିଉଡ୍ ଅଭିନେତା ସୋନୁ ସୁଦ୍, ଖେମଜୀ ଜୁଏଲର୍ସର ମାଲିକ ମିତେଶ ଖେମଜୀ, ଷ୍ଟୋର ମାଲିକ ସଞ୍ଜିବ ମହାନ୍ତି, ତାଙ୍କ ମା' ଏବଂ ଦୁଇ ପାର୍ଟନର ମୋନାଶିଷ ଦାସ ଏବଂ ନିବେଦିତା ଦାସ ମଙ୍ଗଳବାର ଏହି ଷ୍ଟୋରର ଉଦ୍‌ଘାଟନ କରିଛନ୍ତି। ନୂଆ ଫାବ୍ ଇଣ୍ଡିଆ ଷ୍ଟୋରରେ ପୋଷାକ, ଘରକରଣା ଉପକରଣ, ଖାଦ୍ୟ ଓ ଆସେସୋରିଜ ଉପଲବ୍ଧ ହେଉଛି। ପୁରୁଷ, ନାରୀ ଓ ଶିଶୁଙ୍କ ପାଇଁ ପାରମ୍ପରିକ ଓ ଆଧୁନିକ ପୋଷାକ କୁର୍ତ୍ତା, ଶାଢ଼ି, ଟ୍ୟୁନିକ, ଶର୍ଟ ଆଦିର ସ୍ୱତନ୍ତ୍ର କଲେକ୍ସନ ରହିଛି। ଆସବାବପତ୍ର ବିଭାଗରେ ହସ୍ତଶିଳ୍ପ ଫର୍ନିଚର, ବେଡ୍‌ଲିନେନ, ପରଦା, ରଗ୍ସ ଓ ସାଜସଜ୍ଜା ସାମଗ୍ରୀ ରହିଛି। ୱେଲ୍‌ନେସ୍ ଓ ପର୍ସନାଲ କେୟାର ଶ୍ରେଣୀରେ ତ୍ୱଚା ଓ ଶରୀର ପାଇଁ ବିଭିନ୍ନ ସାମଗ୍ରୀ ମିଳୁଛି। ଜୈବିକ ଖାଦ୍ୟ ବିଭାଗରେ ଡାଲି, ମସଲା, ଚା, ତେଲ ଆଦି ଖାଦ୍ୟସାମଗ୍ରୀ ଉପଲବ୍ଧ। ସେହିପରି ଜୁଏଲେରି, ବ୍ୟାଗ୍ ଓ ଆସେସୋରିଜ ବିଭାଗରେ ଗ୍ରାହକଙ୍କ ମନ ଲାଖି ଉତ୍ପାଦ ରହିଛି। ଉଦ୍‌ଘାଟନୀ ଅବସରରେ ଫାବ୍ ଇଣ୍ଡିଆ ବାଲେଶ୍ୱର ଫ୍ରାଞ୍ଚାଇଜ ମାଲିକ ତଥା ଷ୍ଟୋର ପାର୍ଟନର ସଞ୍ଜୀବ ମହାନ୍ତି କହିଛନ୍ତି, ବାଲେଶ୍ୱରର ଲୋକଙ୍କ ନିକଟକୁ ଫାବ୍ ଇଣ୍ଡିଆର ପାରମ୍ପରିକତା ଓ ଆଧୁନିକତାର ସମନ୍ୱୟ ଆଣିପାରିଥିବାରେ ଆମେ ଗର୍ବିତ। ଫାବ୍ ଇଣ୍ଡିଆ ଏହି ନୂଆ ପଦକ୍ଷେପ ମାଧ୍ୟମରେ ଭାରତୀୟ ଶିଳ୍ପ ପରମ୍ପରାକୁ ସଂଯୋଗକରି ସ୍ଥାୟୀ ମନଲୋଭା ଓ ସଚେତନ ଜୀବନଶୈଳୀକୁ ପ୍ରେରିତ କରୁଛି।

# ମଧୁକୁଞ୍ଜର 'ଶୁଭ ଧନ୍‌ତେରସ୍' ଅଫର

ଭୁବନେଶ୍ୱର,୧୪।୧୦(ଅନୁରାଧା ମହାରଣା)

MADHUKUNJ Gold & Diamonds

ଧନ୍‌ତେରସ୍ ଅବସରରେ ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ପକ୍ଷରୁ 'ଶୁଭ ଧନ୍‌ତେରସ୍' ଅଫର ଘୋଷଣା କରାଯାଇଛି। ଏହାର ଭୁବନେଶ୍ୱର, କଟକ ଓ ଜଟଣୀ ଶାଖାରେ ହୀରା, ସୁନା ଓ ରୁପା ଅଳଙ୍କାରର ଗଢ଼ା ମଜୁରିରେ ଫ୍ଲାଟ୍ ୪୦% ରିହାତି ପ୍ରଦାନ କରାଯାଉଛି। ଅକ୍ଟୋବର ୧୦ରୁ ଲାଗୁ ହୋଇଥିବା ଅଫର ନଭେମ୍ବର ୨ ପର୍ଯ୍ୟନ୍ତ ଚାଲିବ । ଏହା ସହ ସୁନା ଓ ରୁପା ମୁଦ୍ରା ଜିତିବାର ସୁଯୋଗ ରହିଛି । କମ୍ପାନୀ ପକ୍ଷରୁ ଆଜୀବନ ବାଏବ୍ୟାକ୍ ଗ୍ୟାରେଣ୍ଟି ସହ ନିଃଶୁଳ୍କ ମରାମତି ସୁବିଧା ମଧ୍ୟ ଦିଆଯାଉଛି। ଶତ ପ୍ରତିଶତ ୯୧୬ ବିଆଇଏସ୍ ହଲ୍‌ମାର୍କ ସୁନାଗହଣା ଏବଂ ଶତ ପ୍ରତିଶତ ଆଇଜିଆଇ ସ୍ୱୀକୃତିପ୍ରାପ୍ତ ହୀରା ଅଳଙ୍କାର ଷ୍ଟୋରରେ ଉପଲବ୍ଧ ହେଉଥିବା କମ୍ପାନୀ ଦାବି କରିଛି। ପୁରୁଣା ସୁନା ବଦଳରେ କୌଣସି କାଟ୍ କରାଯାଉ ନ ଥିବା କୁହାଯାଇଛି।

# ଆର୍‌ବିଆଇର ଡିଜିଟାଲ ରୁପି

ଭୁବନେଶ୍ୱର,୧୪।୧୦

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ମୁମ୍ବାଇରେ ଆୟୋଜିତ ଗ୍ଲୋବାଲ ଫିନ୍‌ଟେକ୍ ଫେଷ୍ଟ ୨୦୨୫ରେ ଅଫ୍‌ଲାଇନ 'ଡିଜିଟାଲ ରୁପି(ଇ-ରୁପି)' ଲଞ୍ଚ କରାଯାଇଛି। ଉକ୍ତ ଅଫ୍‌ଲାଇନ ଡିଜିଟାଲ ରୁପିର ବିଶେଷତ୍ୱ ହେଉଛି, ଇଣ୍ଟରନେଟ୍ କିମ୍ବା ମୋବାଇଲ ନେଟ୍‌ୱର୍କ ବିନା ମଧ୍ୟ ଉପଭୋକ୍ତା ଡିଜିଟାଲ ପେମେଣ୍ଟ କରିପାରିବେ। ଏହାକୁ ଆପଣ ନଗଦ ରୁପି ପରି ଖର୍ଚ୍ଚ କରିପାରିବେ। ଏଥିପାଇଁ କେବଳ ଏକ କ୍ୟୁଆର୍ କୋଡ୍ ସ୍କାନ୍ କରିବା କିମ୍ବା ଟାପ୍ କରିବା ଆବଶ୍ୟକ। ଏହାପରେ ଉପଭୋକ୍ତାଙ୍କର ପେମେଣ୍ଟ ସଫଳତାର ସହ ସମ୍ପୂର୍ଣ୍ଣ ହେବା ସହିତ ଉପଭୋକ୍ତା ନିଜ ଟଙ୍କାକୁ ଡିଜିଟାଲ ରୁପେ ନିଜର ୱାଲେଟ୍‌ରେ ରଖିପାରିବେ। ଏହି ଆପ୍‌କୁ ଗୁଗଲ ପ୍ଲେ ଷ୍ଟୋର କିମ୍ବା ଆପଲ ପ୍ଲେ ଷ୍ଟୋରରୁ ଡାଉନ୍‌ଲୋଡ୍ କରିପାରିବେ।

# ଡ. ସାରା ଜର୍ଜଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ

ଭୁବନେଶ୍ୱର,୧୪।୧୦



ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଲ୍ ଜର୍ଜ ଗ୍ଲୋବାଲ ସ୍କୁଲ ଏବଂ ସେଣ୍ଟ ଜର୍ଜ ସ୍କୁଲର ନିର୍ଦ୍ଦେଶିକା ଡକ୍ଟର ସାରା ଜର୍ଜଙ୍କୁ ୫ମ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ପ୍ରଦାନ କରାଯାଇଛି। ୧୦,୦୦୦ରୁ ଅଧିକ ସ୍କୁଲ ସହ ନେଟ୍‌ୱର୍କ ଥିବା ଭାରତର କେ୧୨ ଶିକ୍ଷା କ୍ଷେତ୍ରକୁ ରୂପାନ୍ତରିତ କରୁଥିବା ଏକ ଅଗ୍ରଣୀ ସଂଗଠନ 'ହେଲ୍ପିଂ ଗୁରୁସ୍' ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ପୁରସ୍କାର ପୂର୍ବତନ ଭାରତୀୟ କୂଟନୀତିଜ୍ଞ ତଥା ଭାରତ ଓ ଆଫ୍ରିକାରେ ବିଶେଷ ଉପଦେଷ୍ଟା ଆମ୍ବାସାଡର ଦୀପକ ବୋହରାଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ସେ ଡକ୍ଟର ଜର୍ଜଙ୍କୁ ଜଣେ ଦୂରଦୃଷ୍ଟିସମ୍ପନ୍ନ ଶିକ୍ଷାବିତ୍ ଭାବେ ଅଭିହିତ କରିଥିଲେ। ସୂଚନା ଥାଉକି, ଡ. ସାରା ଜର୍ଜ ୧୯୮୨ରୁ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଆସୁଛନ୍ତି। ତାଙ୍କ ନେତୃତ୍ୱରେ ସେଣ୍ଟ ଜର୍ଜ ସ୍କୁଲ ଏବଂ ପଲ୍ ଜର୍ଜ ଗ୍ଲୋବାଲ ସ୍କୁଲ ସାମଗ୍ରିକ ଶିକ୍ଷା ଓ ଚରିତ୍ର ଗଠନର ପ୍ରତୀକ ହୋଇ ଉଠିଛି। ଦଶନ୍ଧି ଧରି ସେ ୧ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଏବଂ ୧ ହଜାର ଶିକ୍ଷକଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ଯୋଗଦାନ ରଖିଛନ୍ତି। ଶିକ୍ଷା ବ୍ୟତୀତ ଡ. ଜର୍ଜ ମହିଳା ସଶକ୍ତୀକରଣ ଏବଂ ଅବହେଳିତ ଶିଶୁମାନଙ୍କୁ ସମର୍ଥନ କରିବା ପାଇଁ ଉଦ୍ୟମ କରିଆସିଛନ୍ତି। ପୂର୍ବରୁ ନାସାର କେନେଡି ସ୍ପେସ୍ ସେଣ୍ଟର ପକ୍ଷରୁ ମଧ୍ୟ ସେ ସମ୍ମାନିତ ହୋଇଛନ୍ତି।

# ସାଇବର ସୁରକ୍ଷା ନେଇ ସତର୍କକଲା ବିଓଆଇ

ଭୁବନେଶ୍ୱର,୧୪।୧୦

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ)ର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ଓ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଲୋକଙ୍କୁ ସୁରକ୍ଷିତ ଆର୍ଥିକ ଅଭ୍ୟାସ ସମ୍ପର୍କରେ ଅବଗତ କରାଇବା, ଅନ୍‌ଲାଇନ ଠକେଇ ରୋକିବା ଏବଂ ବ୍ୟାଙ୍କିଙ୍ଗରେ ସଚ୍ଚୋଟତାକୁ ପ୍ରୋତ୍ସାହିତ କରାଯାଇଛି। ଜଗତ୍‌ସିଂହପୁର ଡେରିକି ଶାଖା ପ୍ରବନ୍ଧକ ମନୋରଞ୍ଜନ ବେହେରା, ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ଅଧିକାରୀ ଦିବ୍ୟରାଜ, ଜଗତ୍‌ସିଂହପୁର ଶାଖା ପ୍ରବନ୍ଧକ ହିମାଂଶୁ ଶେଖର ପାଣିଗ୍ରାହୀ, ଭୁବନେଶ୍ୱରର ବରିମୁଣ୍ଡ ଶାଖା ପ୍ରବନ୍ଧକ ଦେବଶ୍ରୀ ବରାଇ, ଖୋର୍ଦ୍ଧାର କେନ୍ଦୁପଲ୍ଲୀ ଶାଖା ପ୍ରବନ୍ଧକ ଚିନ୍ତାମଣି ବେହେରା ଏବଂ ନୟାଗଡ଼ର ଗୋଡ଼ିପଡ଼ା ଶାଖା ପ୍ରବନ୍ଧକ ଜ୍ଞାନରଞ୍ଜନ ସାହୁ ଏବଂ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ସତର୍କତା ଅଧିକାରୀ ନିରଜ କୁମାର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଚାରୀ ଏବଂ ଅଧିକାରୀମାନେ 'ସତର୍କ ଭାରତ, ସମୃଦ୍ଧ ଭାରତ' ବାର୍ତ୍ତାକୁ ପ୍ରଚାର କରିଥିଲେ।

# ରାଜ ଇଲେକ୍ଟ୍ରୋନିକ୍ସର ଧନତେରସ, ଦିପାବଳୀ ସେଲ୍

ଭୁବନେଶ୍ୱର,୧୪।୧୦

RAJ ELECTRONICS
ଦୀର୍ଘବର୍ଷ ଧରି ସମଗ୍ର ଓଡିଶାବାସୀଙ୍କ ପରିଚିତ

ଚଳିତ ପାର୍ବଣ ଋତୁରେ ରାଜ ଇଲେକ୍ଟ୍ରୋନିକ୍ସରେ ଧନତେରସ ଏବଂ ଦିପାବଳୀ ସେଲ୍ ଆରମ୍ଭ ହୋଇଛି। ଗ୍ରାହକ ନୂତନ ଜିଏସଟି ହାର ଓ ସହଜ କିସ୍ତିରେ ପ୍ରଡକ୍ଟ ନେଇପାରିବେ। ଏହାସହିତ ୪୭% ପର୍ଯ୍ୟନ୍ତ ଡିସକାଉଣ୍ଟ, ୩୦ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ ଅଫର, ବିଭିନ୍ନ ପ୍ରଡକ୍ଟ ସହିତ ୨ କିମ୍ବା ୩ ବର୍ଷର ୱାରେଣ୍ଟୀ ଏବଂ ଫାଇନାନ୍ସ କମ୍ପାନୀ ପକ୍ଷରୁ ୨୫୦୦ ରୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ ଅଫର ସହିତ ୧ ରୁ ୨ ଇଏମଆଇ ଫ୍ରି ଆଦି ଅଫର ରହିଛି। ଏହାସହ ସମସ୍ତ ବ୍ରାଣ୍ଡେଡ କମ୍ପାନୀମାନଙ୍କର ବିଭିନ୍ନ ବର୍ଗର ପ୍ରଡକ୍ଟରେ ଭରପୂର ଶୋ'ରୁମ ରୁ ଗ୍ରାହକମାନେ ଏହି ଅଫର ମାଧ୍ୟମରେ କିଣିବାର ସୁଯୋଗ ପାଇବେ। ନଗଦ ଭାବେ ନଦେଇ ସବୁଠୁ କମ ଡାଉନପେମେଣ୍ଟରେ ୦% ସୁଧ ଓ ସହଜ କିସ୍ତିରେ ଗ୍ରାହକମାନେ ପ୍ରଡକ୍ଟ କିଣିବାର ଲାଭ ନେଇପାରିବେ। ଦିପାବଳୀ ପର୍ଯ୍ୟନ୍ତ ଏହି ଅଫର୍ ବୈଧ ରହିବ। ଏଲଇଡି ଟିଭି ମାନଙ୍କରେ ଅଫର ନ ରହିବା ଯୋଗୁଁ ଏହାର ମୂଲ୍ୟ ବୃଦ୍ଧି ପାଇବାର ସମ୍ଭାବନା ଅଛି । ଏସି ଏକ ଦୀର୍ଘସ୍ଥାୟୀ ଉପଭୋକ୍ତା ସାମଗ୍ରୀ ହୋଇଥିବାରୁ ଜଣେ ଗ୍ରାହକ ଏହାକୁ ବର୍ଷେ କିମ୍ବା ଦୁଇବର୍ଷ ପାଇଁ କିଣି ନଥାନ୍ତି, ୮ରୁ ୧୦ ବର୍ଷର ଆବଶ୍ୟକତା ପୂରଣ ପାଇଁ କ୍ରୟ କରିଥାନ୍ତି। ତେଣୁ ଆସନ୍ତା ଖରାଦିନରେ ମୂଲ୍ୟବୃଦ୍ଧି ପାଇବା ପୂର୍ବରୁ ଗ୍ରାହକମାନେ ବର୍ତ୍ତମାନର ପୂଜା ଅଫର ମୂଲ୍ୟରେ ଏସି କିଣି ମାଗଣା ଇନଷ୍ଟଲେସନ ଅଫର୍‌ରେ ଘରେ ଲଗାଇବା ଯୁକ୍ତିଯୁକ୍ତ ବୋଲି ରାଜ ଇଲେକ୍ଟ୍ରୋନିକ୍ସର ସ୍ୱତ୍ୱାଧିକାରୀ ପ୍ରକାଶ କୁମାର ବିଶ୍ୱାଳ କହିଛନ୍ତି।

## ସଂକ୍ଷେପରେ

### ବୁର୍ଡାରେ ଗ୍ରାମରକ୍ଷୀଙ୍କ ଘରୁ ୧୦ ଲିଟର ରନ୍ଧା ମଦ ଜବତ

ଲୋଇସିଂହା,୧୪।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଗ୍ରାମର ଗ୍ରାମରକ୍ଷୀ ବିପିନ ସାହୁଙ୍କ ଘରେ ମଙ୍ଗଳବାର ଲୋଇସିଂହା ଅବକାରୀ ଟିମ୍ ଚଢାଉ କରି ୧୦ ଲିଟର ରନ୍ଧା ମଦ ଜବତ କରିଛନ୍ତି। ଗ୍ରାମରକ୍ଷୀଙ୍କ ଅନୁପସ୍ଥିତିରେ ତାଙ୍କ ସ୍ତ୍ରୀଙ୍କୁ ଗିରଫ କରାଯାଇ ଲୋଇସିଂହା କୋର୍ଟ ଚାଲାଣ କରାଯାଇଥିଲା । ହେଲେ କୋର୍ଟରେ ତାଙ୍କ ଜାମିନ ମଞ୍ଜୁର ହୋଇ ଯାଇଥିବା ଅବକାରୀ ଓଆଇସି ମାନସ ରଞ୍ଜନ ମୁଣ୍ଡା ଜଣାଇଛନ୍ତି। ଏନେଇ ଏକ ମାମଲା ରୁଜୁ ହୋଇଛି ।

ପ୍ରକାଶ ଯେ, ବୁର୍ଡା ଗ୍ରାମର ବସ୍ତି ଭିତରେ ସମ୍ପୃକ୍ତ ଗ୍ରାମରକ୍ଷୀଙ୍କ ଘର। ବସ୍ତି ଭିତରେ ବେଆଇନ ଭାବେ ମଦ ବିକ୍ରି ହେବା ନେଇ ନିକଟରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଏବଂ ଅବକାରୀ ବିଭାଗ ନିକଟରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇ ଓଆଇସି ମୁଣ୍ଡାଙ୍କ ନେତୃତ୍ୱରେ ଏସ୍ଆଇ ଭେଙ୍କଟରମଣ ବେହେରା, କନଷ୍ଟେବଳ ଅଜିତ ସାହୁ ପ୍ରମୁଖ ଚଢାଉ କରିଥିଲେ । ସେହିପରି ଅବକାରୀ ଟିମ୍ ପକ୍ଷରୁ ରେଙ୍ଗାଲି ସମେତ ୨ଟି ସ୍ଥାନରେ ଚଢାଉ କରାଯାଇଥିବା ଜଣାଯାଇଛି ।

# ଦେଓଗାଁରେ ବନ୍ଧୁକ, ଖଣ୍ଡା ଧରି ଆତଙ୍କରାଜ

- ଗାଁରେ ଉତ୍ତେଜନା, କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ ଚେତାବନୀ
- ଥାନାରେ ୪ ଅଟକ, ତଦନ୍ତ ଜାରି

ଦେଓଗାଁ,୧୪।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)


ଦେଓଗାଁ କଛାରପାଲି ସାହୁପଡାରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭୀତ କରୁଥିବା ଦୃଶ୍ୟ, ଯାହା ସିସି ଟିଭିରେ କଏଦ ହୋଇଛି ।

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ କଛାରପାଲିର ସାହୁପଡାଠାରେ ସୋମବାର ସନ୍ଧ୍ୟାରେ ହଠାତ୍ ପ୍ରାୟ ୧୨ଜଣରୁ ଉର୍ଦ୍ଧ୍ୱ ଯୁବକ ୪ ଟି ବାଇକ୍‌ରେ ଆସି ବନ୍ଧୁକ ଓ ଖଣ୍ଡା ବାହାର କରି କିଛି ସମୟ ପାଇଁ ଆତଙ୍କ ଖେଳାଇଥିଲେ । ଏହି ସମୟରେ ସେମାନେ ସାଧାରଣ ଲୋକଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଜଣେ ଯୁବକଙ୍କୁ ଆକ୍ରମଣ କରିବା ପାଇଁ ଖୋଜି ବୁଲିଥିଲେ । ଏଥିରେ ପଡାବାସୀ ଭୟଭୀତ ହୋଇ ପଡିଥିଲେ। କାଳେ କାହାକୁ ଆକ୍ରମଣ ହେବ ଭାବି ସମସ୍ତେ ପଛଘୁଞ୍ଚା ଦେଇଥିବା ବେଳେ ଦୁର୍ବୃତ୍ତମାନେ ଆତଙ୍କ ସୃଷ୍ଟି କରି ଚାଲିଥିଲେ । ତେବେ କିଛି ସମୟ ପରେ ପଡାର ସମସ୍ତ ଯୁବକ ଏକତ୍ରିତ ହେବା ଜାଣି ସେମାନେ ଫେରାର ମାରିଥିଲେ। ବାହାର ରାଜ୍ୟରୁ ଆସି ଦେଓଗାଁରେ ବସବାସ କରୁଥିବା ଜଣେ ବ୍ୟକ୍ତି କେତେଜଣ ଯୁବକଙ୍କୁ ଡାକି ଏଭଳି କାର୍ଯ୍ୟ କରାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଏନେଇ ସୋମବାର ରାତିରେ ସାହୁପଡା ପ୍ରଗତି ଯୁବକ ସଂଘର କର୍ମକର୍ତ୍ତା ତଥା ପଡାବାସୀ ଦେଓଗାଁ ଥାନାକୁ ଯାଇ ଲିଖିତ ଭାବେ ଅଭିଯୋଗ କରିବା ସହ ସିସିଟିଭିରେ କଏଦ ଆତଙ୍କରାଜର ଫଟୋ ମଧ୍ୟ ଦେଖାଇଥିଲେ। ଏହି ଫଟୋ ଓ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇବା ସହ ଚର୍ଚ୍ଚା ଜୋର ଧରିଛି। ଅଭିଯୋଗ ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ୨ଟି ଟିମ୍ ଗଠନ କରି ରାତିରେ ତନାଘନା ଚଳାଇଥିଲା। ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ପ୍ରାୟ ୨ କିମି ଦୂର ଜୁର୍ଲାକାନୀ ଛକ ନିକଟରେ ଗୋଟିଏ ବାଇକ୍ ଛାଡି ଦେଇ ଫେରାର ମାରିଥିଲେ। ଉକ୍ତ ବାଇକ୍‌କୁ ପୋଲିସ ଜବତ କରି ତଦନ୍ତ ଆରମ୍ଭ କରିଥିବା ବେଳେ ମଙ୍ଗଳବାର ୪ ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି । ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ ଜାରି ରଖିଥିବା ଜଣାପଡିଛି। ଏନେଇ ବୁଧବାର ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ଦେଓଗାଁରେ ଏନେଇ ଅସନ୍ତୋଷ ଲାଗି ରହିଥିବା ବେଳେ ଅରାଜକତା ଓ ନିଶା କାରବାର ରୋକିବା ପାଇଁ ପୋଲିସ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ ନ କଲେ ଦେଓଗାଁ ଓ କଛାରପାଲିର ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିଭିନ୍ନ ସଂଗଠନ ତରଫରୁ ଚେତାବନୀ ଦିଆଯାଇଛି।

# ଶିକୁଳିରେ ବନ୍ଧା ଜୀବନ


ଜେଜେମା' ସହିତ ରାଜେଶ ବରିହା ।

ପାଟଣାଗଡ,୧୪।୧୦(ସଚ୍ଚିଦାନନ୍ଦ ମହାକୁର)

**ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ଉଲବା ପଞ୍ଚାୟତ ସରମୁହାଣ ଗାଁର ଜଣେ ଯୁବକ ମାନସିକ ବିକାରଗ୍ରସ୍ତ ଯୋଗୁ ଦୀର୍ଘ ୫ ବର୍ଷ ହେଲା ଲୁହା ଶିକୁଳିରେ ବନ୍ଧା ହୋଇ ଜୀବନ ବିତାଉଛନ୍ତି । ଏହି ଯୁବକ ଜଣକ ହେଲେ ଉକ୍ତ ଗାଁର ବୃଦ୍ଧା ଟିକେଶ୍ୱରୀ ବରିହାଙ୍କ ନାତି ରାଜେଶ ବରିହା (୨୨) । ନାତିର ଚିକିତ୍ସା ଓ ପରିବାର ଚଳାଇବା ପାଇଁ ବୟସର ଅପରାହ୍ନରେ ବି ବୃଦ୍ଧା ଜଣକ ଗାଁରେ ଦିନ ମଜୁରିଆ ଭାବେ କାମ କରୁଛନ୍ତି । ସେଥିରୁ ଯାହା ରୋଜଗାର ହେଉଛି , ଆଜିକାଲିର ମହଙ୍ଗା ଯୁଗରେ ଦୁଇଓଳା ଖାଇବା କଷ୍ଟକର ହୋଇପଡିଛି। ଏପଟେ ରାଜେଶଙ୍କ ଉପଯୁକ୍ତ ଚିକିତ୍ସାରେ ଅର୍ଥ ସାଜିଛି ବାଧକ । ଚିକିତ୍ସା ପାଇଁ ସରକାରୀ ସହାୟତାରୁ ବଞ୍ଚିତ ହୋଇ ସେ ଭାଗ୍ୟକୁ ଆଦରି ପଡି ରହିଛନ୍ତି । ଭଲ ଘର ଖଣ୍ଡିଏ ନାହିଁ। ଟିକେଶ୍ୱରୀ ଓ ତାଙ୍କ ନାତି ଭଙ୍ଗା ଦଦରା କୁଡିଆ ଘରେ ଦୁର୍ବିସହ ଜୀବନ ବିତାଉଛନ୍ତି । ସରକାରୀ ସହାୟତା କହିଲେ ବୃଦ୍ଧାଙ୍କୁ ଭତ୍ତା ଓ ୨ ଜଣଙ୍କୁ ୫ କେଜି ଲେଖାଏ ଚାଉଳ ମିଳୁଛି । ଘରର ଚଟାଣରେ ବିଛଣାରେ ପଡି ରହି ଜୀବନ ସହ ସଂଘର୍ଷ କରୁଛନ୍ତି ରାଜେଶ। ସେ ନିକଟସ୍ଥ ଉଲବା ଗ୍ରାମରେ ଥିବା ଏକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିଲେ । କୌଣସି କାରଣରୁ ମାନସିକ ରୋଗରେ ପୀଡିତ ହେବା ପରେ ପରିବାର ଲୋକେ ବିଭିନ୍ନ ଡକ୍ତରଖାନା ନେଇ ଚିକିତ୍ସା କରାଇଥିଲେ । ହେଲେ ଅର୍ଥ ଅଭାବରୁ ଚିକିତ୍ସା ଅଧାରୁ ବନ୍ଦ ହୋଇଗଲା । ଏବେ ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ ପଡୁଥିବାରୁ ଚିନ୍ତାରେ ପଡ଼ିଛନ୍ତି ଟିକେଶ୍ୱରୀ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାଜେଶଙ୍କ ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଗୁରୁ ବନ୍ଦନ- ଛାତ୍ର ଅଭିନନ୍ଦନ କାର୍ଯ୍ୟକ୍ରମ

ଟିଟିଲାଗଡ,୧୪।୧୦(ଶରତ ମିଶ୍ର)

ଭାରତ ବିକାଶ ପରିଷଦ, ଟିଟିଲାଗଡ ଶାଖା ପକ୍ଷରୁ ସ୍ଥାନୀୟ ଓମ୍‌ଭ୍ୟାଲି ସ୍କୁଲ ପରିସରରେ ସୋମବାର ଗୁରୁ ବନ୍ଦନ- ଛାତ୍ର ଅଭିନନ୍ଦନ କାର୍ଯ୍ୟକ୍ରମ ସଭାପତି ଉମେଶ ଚନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବରେ ଡ. ଛାୟାକାନ୍ତ ଷଡ଼ଙ୍ଗୀ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରା ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମାନପତ୍ର, ସ୍ମୃତି ଚିହ୍ନ ଓ ଉପଢୌକନ ଦେଇ ସମ୍ମାନିତ କରାଯିବା ସହ ୧୦ଟି ହାଇସ୍କୁଲର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସମ୍ବର୍ଦ୍ଧିତ ଶିକ୍ଷକମାନେ ହେଲେ ଶଗଡଘାଟ ସ୍କୁଲ ଶିକ୍ଷୟିତ୍ରୀ ଅଞ୍ଜଳା ପରମଗୁରୁ, ପରାଶରା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଆର୍ତ୍ତତ୍ରାଣ ପଣ୍ଡା, ସଇଁତଲା ହାଇସ୍କୁଲ ଶିକ୍ଷକ ଅଶୋକ ପଧାନ, ଡିଏଭି ପବ୍ଲିକ ସ୍କୁଲର ଗୌରୀ ପ୍ରସାଦ ମହାପାତ୍ର ଏବଂ ଓମଭ୍ୟାଲି ସ୍କୁଲର ଶିକ୍ଷୟିତ୍ରୀ ସରୋଜିନୀ ପଟ୍ଟନାୟକ। ପରିଷଦ ବିଷୟରେ ବରିଷ୍ଠ ସଦସ୍ୟ ରାଜୀବ ଲୋଚନ ପାଢ଼ୀ ସୂଚନା ଦେଇ ଥିବା ବେଳେ ସ୍ୱାଗତ ଭାଷଣ ଶିକ୍ଷକ ଉମେଶ ଦାସ ପ୍ରଦାନ କରିଥିଲେ । ବରିଷ୍ଠ ସଭ୍ୟ ବ୍ରହ୍ମାନନ୍ଦ ପୁହାଣ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କିଶୋର ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# 'ବୈଜ୍ଞାନିକ ଦୃଷ୍ଟିକୋଣ ମଣିଷକୁ ଶ୍ରେଷ୍ଠ କରିଛି'


ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ଅତିଥି, ଆୟୋଜକଙ୍କ ଗହଣରେ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ର।

ବଲାଙ୍ଗୀର,୧୪।୧୦(ବୀରେନ୍ଦ୍ର କୁମାର ଝାଙ୍କର)

**ବଲାଙ୍ଗୀର ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର**

**ପ୍ରଥମ ସ୍ଥାନ ଅଧିକାର କଲେ ଝରଣୀ ଓଏଭି ଛାତ୍ର ରୁଦ୍ରାଂଶ ମିଶ୍ର**

ବଲାଙ୍ଗୀରର ପିପି ଏକାଡେମୀ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା ଓ ସମ୍ମାନିତ ଅତିଥି ଭାବେ ସେବାଶ୍ରୀ ଭୋଇ ଯୋଗଦେଇ ଏହି ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଜିଲା ବିଜ୍ଞାନ ତତ୍ତ୍ୱାବଧାରକ ନବଘନ ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବିଜ୍ଞାନ ଆଲୋଚନାଚକ୍ରର ଶୀର୍ଷକ 'କ୍ୱାଣ୍ଟମ୍ ଯୁଗର ଆରମ୍ଭ, ସମ୍ଭାବନା ଓ ଆହ୍ୱାନ' ବିଷୟରେ ମନୋନୀତ ଛାତ୍ରୀଛାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଜିଲାସ୍ତରୀୟ ଆଲୋଚନାଚକ୍ରରେ ୧୪ଟି ବ୍ଲକରେ ପୂର୍ବରୁ ଆୟୋଜିତ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରମାନେ ଯୋଗଦାନ କରିଥିଲେ। ତୁରେକେଲା ବ୍ଲକ ଅନ୍ତର୍ଗତ ଝରଣୀସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ରୁଦ୍ରାଂଶ ମିଶ୍ର ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିରେ ବଲାଙ୍ଗୀର ବ୍ଲକ ପଥରଚେପାସ୍ଥିତ ଓଏଭିର ନବମ ଶ୍ରେଣୀ ଛାତ୍ର ଦୁର୍ଲଭ ପୁହାଣ ଦ୍ୱିତୀୟ ସ୍ଥାନ ଓ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଧବଳେଶ୍ୱର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ରଶ୍ମିତା ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଦେବବ୍ରତ ଦଣ୍ଡସେନା ଓ ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଜିତେନ୍ଦ୍ର କୁମାର ପ୍ରଧାନ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ ଯୋଗଦେଇ ଦୈନନ୍ଦିନ ଜୀବନଚର୍ଯ୍ୟାରେ ବିଜ୍ଞାନର ଅବଦାନ ଏବଂ ମଣିଷର ବୈଜ୍ଞାନିକ ଦୃଷ୍ଟିକୋଣ ସମ୍ପର୍କରେ କହିଥିଲେ। ବିଜ୍ଞାନ ବଳରେ ମଣିଷ ଶ୍ରେଷ୍ଠ ହୋଇଛି ବୋଲି କହିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା, ସେବାଶ୍ରୀ ଭୋଇ, ପ୍ରବୀର ପଣ୍ଡା, ସଦର ବ୍ଲକ ବିଇଓ ନୀଳମଣି ପଟେଲ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସରୋଜ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଦ୍ୱିତୀରଞ୍ଜନ ମହାଲିଙ୍ଗ ଧନ୍ୟବାଦ ଦେଇଥିଲେ।

## ଡିସେମ୍ବର ୨୫ରୁ ଶିକେରପାଟ ମହୋତ୍ସବ

ଗୁଡଭେଲା,୧୪।୧୦(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ଏନଏସିର ସଭାଗୃହରେ ଶିକେରପାଟ ମହୋତ୍ସବ କମିଟି, ଖଡଙ୍ଗା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟିର ସମ୍ପାଦକ ଲମ୍ବୋଦର ମନହିରା ଅଧକ୍ଷତା କରିଥିଲେ । ଆସନ୍ତା ଡିସେମ୍ବର ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଶିକେରପାଟ ମହୋତ୍ସବ ଗୁଡଭେଲା ବ୍ଲକ ଅନ୍ତର୍ଗତ ଘୁନା କୁମ୍ଭାରପଦର ଖେଳପଡିଆରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିବା ଆୟୋଜକ କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଗୁଡଭେଲା ବ୍ଲକର ଘୁନା, ବିରାମୁଣ୍ଡା, ଜାମୁଟ ଓ ଗମ୍ଭାରିଗୁଡା ଗ୍ରାମ ପଞ୍ଚାୟତର ଜନସାଧାରଣଙ୍କ ଇଷ୍ଟଦେବତା ହେଉଛନ୍ତି ଶିକେରପାଟ। ପ୍ରତ୍ୟେକ ଶୁଭ କାର୍ଯ୍ୟ ପୂର୍ବରୁ ଶିକେରପାଟ ନାମ ଉଚ୍ଚାରଣ ହେଉଛି ଏଠାକାର ଆଞ୍ଚଳିକ ପରମ୍ପରା। ଏହି ପରମ୍ପରାକୁ ବଜାୟ ରଖିବା ଓ ଅଞ୍ଚଳର ଏକତାକୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଏହି ମହୋତ୍ସବ ପାଳନ କରାଯାଉଛି । ମହୋତ୍ସବରେ ସ୍ଥାନୀୟ ଓ ଆଞ୍ଚଳିକ କଳାକାରଙ୍କ ପାଇଁ ମଞ୍ଚ ସୃଷ୍ଟି କରାଯିବ । ମାଗଣା ଚିକିତ୍ସା ଶିବିର, ରକ୍ତଦାନ ଶିବିର ଓ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ଆୟୋଜକ ସମ୍ମିଳନୀରେ ପ୍ରକାଶ କରିଥିଲେ । ଏହି ସମ୍ମିଳନୀରେ ଭାଗବତ ନାହାକ, ଧ୍ରୁବଳେଶ୍ୱର ସାହୁ, ଦାଶରଥି ପଧାନ, ଲକ୍ଷ୍ମଣ ସାହୁ, ଚିନ୍ତାମଣି ରଣା, ନାରାୟଣ ଦାସ, ହାଡୁ ବଗର୍ତ୍ତି, ଖୁସିରାମ ଭୋଇ,ଦୀଲିପ ଭୋଇ,ରଞ୍ଜନ ମହାକୁର,ରାମଚନ୍ଦ୍ର ରଣା ଉପସ୍ଥିତ ଥିଲେ।

## ଗୁଜରାଟରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଖପ୍ରାଖୋଲ,୧୪।୧୦(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ପିଙ୍ଗଲମୁଣ୍ଡା ଗାଁର ଇଶ୍ୱର ରାୟ (୨୩)ଙ୍କ ମୃତ୍ୟୁ ଗୁଜୁରାଟରେ ହେଇଥିବା ଜଣାଯାଇଛି। ଫୋନ ଯୋଗେ ଏହି ଖବର ମିଳିଥିବା ପରିବାର ଲୋକେ କହିଛନ୍ତି। ଏହା ଜଣାପଡିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ସୂଚନା ଅନୁସାରେ, ଗତ ମାସେ ତଳେ ଇଶ୍ୱର ଗୁଜୁରାଟର ଗାନ୍ଧିଧାମସ୍ଥିତ ଏକ କମ୍ପାନୀରେ କାମ କରିବା ପାଇଁ ଯାଇଥିବା ବେଳେ ସେଠାରେ ସୋମବାର ତାଙ୍କର ମୃତ୍ୟୁ ଘଟିଥିଲା । ମୃତ୍ୟୁର ପ୍ରକୃତ କାରଣ ଜଣାପଡିନାହିଁ । ମୃତଦେହ ଗାଁକୁ ଫେରୁଥିବା ଜାଣିବାକୁ ମିଳିଛି।

## ଦୁର୍ଘଟଣାରେ ବାପା ମୃତ: ପୁଅ ଆହତ

ଖପ୍ରାଖୋଲ,୧୪।୧୦(ଅଭୟ ତ୍ରିପାଠୀ)

ମଙ୍ଗଳବାର ମଧ୍ୟାହ୍ନରେ ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ନିକଟରେ ଏକ ମୋଟର ସାଇକେଲ ଦୁର୍ଘଟଣାଗ୍ରସ୍ତ ହେବାରୁ ଗୋଟିଏ ପରିବାରର ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଅ ଆହତ ହୋଇଛନ୍ତି । ମୃତକ ହେଲେ ତୁରେକେଲା ଥାନା ଦେବେରିଆମୁଣ୍ଡା ଗାଁ ର ବିରଞ୍ଚି ମେହେର (୬୨) । ପ୍ରକାଶ ଯେ, ବିରଞ୍ଚି ଓ ତାଙ୍କ ପୁଅ ଏକ ମୋଟର ସାଇକେଲ ଯୋଗେ ପାଟଣାଗଡ଼ରୁ ନିଜ ଗାଁକୁ ଫେରୁଥିବା ବେଳେ ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ନିକଟରେ କୌଣସି କାରଣରୁ ମୋଟରସାଇକେଲଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଉଭୟ ବାପ ପୁଅ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ଦୁହିଁଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ବିରଞ୍ଚିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୋଟର ସାଇକେଲ ଚଳାଉଥିବା ବିରଞ୍ଚିଙ୍କ ପୁଅ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି । ଖପ୍ରାଖୋଲ ପୋଲିସ ମୃତଦେହ ଜବତ କରିବା ସହିତ ନଂ ୨୩୯/୨୫ରେ ଏକ ମାମଲା ରୁଜୁ କରିଛି । ଦୁର୍ଘଟଣାର ତଦନ୍ତ ତଦନ୍ତ ଚାଲିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ଲୋଇସିଂହା,୧୪।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କେଉଁଟିପାଲି ହାଇସ୍କୁଲରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ୨୯ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇ ଚଳିତବର୍ଷର ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ । ଲୋଇସିଂହା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅନନ୍ୟ ପଧାନ, ଆଦର୍ଶ ବିଦ୍ୟାଳୟର ଛାତ୍ର ସ୍ୱରୂପ ଶେଖର ବହିଦାର, ଯୋଗୀସର୍ଡା ଉଚ୍ଚ ବିଦ୍ୟାଳର ଛାତ୍ର ନୈତିକ କୁମାର ସାହୁ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି । ଅଧ୍ୟାପିକା ନିତାରାଣୀ ପଟେଲ, ସୁଚିସ୍ମିତା ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ହେମସାଗର ନନ୍ଦ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡିଓ ଅକ୍ଷୟପାଣି ଉଦ୍ଦୁ ଯୋଗ ଦେଇଥିଲେ । ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ଭୋଇ, ବିଜ୍ଞାନ ସଂଯୋଜକ ବିଷ୍ଣୁପ୍ରସାଦ ମିଶ୍ର, ଆବାହକ ହେମନ୍ତ କୁମାର ବାରିକ, ପର୍ଶୁରାମ ସୁନା, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଦାନନ୍ଦ ଭୋଇ, ଆୟୋଜକ ସ୍କୁଲର ପ୍ରଧାନଶିକ୍ଷକ ଶାନ୍ତିଲାଲ ନନ୍ଦ, ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ହିମାଂଶୁ ଶେଖର ଷଡଙ୍ଗୀ ସଭା କାର୍ଯ୍ୟ ସଂଯୋଜନା କରିଥିଲେ ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# କୃଷି ଋଣ ଠକେଇର ଶିକାର ପକ୍ଷାଘାତ ପୀଡ଼ିତ ଚାଷୀ

ଲୋଇସିଂହା,୧୪।୧୦(ସୁଶାନ୍ତ ବାରିକ)

**ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତି**


ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଫେରାଦ ହୋଇଥିବା ଚାଷୀ ମୁକୁନ୍ଦ ସାହୁ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ବୁର୍ଡା ଗ୍ରାମର ଜଣେ ପକ୍ଷାଘାତ ପୀଡ଼ିତ ଚାଷୀ କୃଷି ଋଣ ଠକେଇର ଶିକାର ହୋଇଥିବା ନେଇ ଅଭିଯୋଗ ହୋଇଛି । ଠକେଇର ଶିକାର ହୋଇଥିବା ଚାଷୀ ମୁକୁନ୍ଦ ସାହୁ ସୋମବାର ଆଗଲପୁର(ଡୁଡୁକା) ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଏନେଇ ଲିଖିତ ଭାବେ ଜଣାଇଛନ୍ତି । ଠକେଇରେ ପାକ୍ସର ଜଣେ ପୂର୍ବତନ ବୋର୍ଡ ସଭାପତି ଓ ଅନ୍ୟ ଦୁଇଜଣଙ୍କ ସମ୍ପୃକ୍ତି ରହିଥିବା ସେ ଦର୍ଶାଇଛନ୍ତି । ଦୁଇ ସପ୍ତାହ ମଧ୍ୟରେ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ସେ ଆଇନର ଆଶ୍ରୟ ନେବେ ବୋଲି ଚେତାବନୀ ଦେଇଛନ୍ତି। ଜିଲାପାଳଙ୍କୁ ଭେଟିବା ଅବସରରେ ସ୍ଥାନୀୟ ସରପଞ୍ଚ ସୁଦୀପ ସା, ପୂର୍ବତନ ସରପଞ୍ଚ ତଥା ପାକ୍ସ ବୋର୍ଡ ନିର୍ଦ୍ଦେଶକ ପ୍ରହ୍ଲାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅଭିଯୋଗରୁ ପ୍ରକାଶ ଯେ, ବୁର୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପାକ୍ସ ଓ ପୋଷ୍ଟ ଅଫିସ କାର୍ଯ୍ୟ କରୁଛି। ପୋଷ୍ଟ ଅଫିସକୁ ଚାଷୀ ମୁକୁନ୍ଦ ସାହୁ ୨୦୨୪ ଆର୍ଥିକ ବର୍ଷର ପିଏମ୍ କିଷାନ ଟଙ୍କା ଉଠାଣ ପାଇଁ ଯାଇଥିଲେ । ଏହି ସମୟରେ ଚାଷୀ ମୁକୁନ୍ଦଙ୍କୁ ଦେଖି ଧାନ ବିକ୍ରି ପାଇଁ କାର୍ଡ ବନାଇବା ବାହାନାରେ ପାକ୍ସର ୨ଜଣ କର୍ମଚାରୀ ପାକ୍ସକୁ ଡାକିଥିଲେ । ସେଠାରେ ପୂର୍ବରୁ ପାକ୍ସର ସମ୍ପୃକ୍ତ ପୂର୍ବତନ ବୋର୍ଡ ସଭାପତି ଥିଲେ। ଉପରୋକ୍ତ ୩ ଜଣ ବ୍ୟକ୍ତି ମୁକୁନ୍ଦଙ୍କ ଠାରୁ ଦସ୍ତଖତ ବଦଳରେ କୁଆଡେ ଅଭିଯୋଗ ଅନୁଯାୟୀ ବିଭିନ୍ନ କାଗଜପତ୍ରରେ ଟିପ ଚିହ୍ନ ନେଇ ଯାଇଥିଲେ । ଉକ୍ତ କାର୍ଡ ହୋଇଗଲେ ଧାନବିକ୍ରି କରିପାରିବେ ବୋଲି ମୁକୁନ୍ଦଙ୍କୁ ସେମାନେ କହିଥିଲେ । କିନ୍ତୁ ଗତ ସେପ୍ଟେମ୍ବର ମାସରେ ପୂର୍ବତନ ବୋର୍ଡ ସଭାପତି ଜଣକ ମୁକୁନ୍ଦଙ୍କ ଘରକୁ ଯାଇ ଗତବର୍ଷ ଋଣର ପୁନଶ୍ଚ ନବୀକରଣ କରିବା ପାଇଁ ଏକ ଦସ୍ତଖତ କରିବାକୁ କହିଥିଲେ । ଏଥିରେ ମୁକୁନ୍ଦ ସନ୍ଦେହ କରିଥିଲେ । ଏହାପରେ ପୂର୍ବତନ ବୋର୍ଡ ସଭାପତି କୁଆଡେ ୬୫ ହଜାର ଟଙ୍କା ଋଣ ନେଇଛ କହି ନବୀକରଣ ପାଇଁ ତାଙ୍କ ଦସ୍ତଖତ ନେଇ ଯାଇଥିଲେ । ପରବର୍ତ୍ତୀ ସମୟରେ ଘଟଣା ସଂକ୍ରାନ୍ତରେ ସମ୍ପୃକ୍ତ ଚାଷୀ ପଚରାଉଚରା ପରେ ଜାଣିବାକୁ ପାଇଥିଲେ, ତାଙ୍କ ନାମରେ ୬୫ ହଜାର ଟଙ୍କା ଋଣ ହୋଇଥିବା ବେଳେ ସେହି ଟଙ୍କା ସମ୍ପୃକ୍ତ ପୂର୍ବତନ ବୋର୍ଡ ସଭାପତିଙ୍କ ଆକଉଣ୍ଟକୁ ଟ୍ରାନ୍ସଫର ହୋଇଯାଇଛି । ତାଙ୍କ ଅଜାଣତରେ ତଥା ବିନା ସ୍ୱୀକୃତିରେ ଋଣ କରାଯାଇଛି । ମନ୍ଦ ଉଦ୍ଦେଶ୍ୟରେ ତାଙ୍କଠାରୁ ଟିପ ଚିହ୍ନ ନେଇ ଏପରି ଜାଲିଆତି କରାଯାଇଥିବା ଚାଷୀ ଜଣକ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଦାୟିତ୍ୱରେ ଥିବା ପାକ୍ସ ସମ୍ପାଦକ ଘଟଶ୍ୟାମ ପୁଟାଙ୍କୁ ପଚାରିବାରେ, ଏପରି ଏକ ଅଭିଯୋଗ ଆସିଛି । ୨୦୨୩-୨୪ ଆର୍ଥିକ ବର୍ଷର ମାର୍ଚ୍ଚ ୧୦ ତାରିଖରେ ମୁକୁନ୍ଦଙ୍କ ନାମରେ ଋଣ ଉଠିଛି । ଏହାଛଡା ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ମଧ ଋଣ ନବୀକରଣ କରାଯାଇଛି । ଦୁଇ ଥର ନବୀକରଣ କଲା ପରେ ଚାଷୀ ଏପରି ଆପତ୍ତି ଆଣିବା ଘଟଣା ରହସ୍ୟବୃତ୍ତ ମନେ ହେଉଥିବା ସମ୍ପାଦକ ପୁଟା କହିଛନ୍ତି। ପ୍ରଥମ କିସ୍ତି ଋଣ ୧୦ ହଜାରରୁ ଆରମ୍ଭ ହୋଇଥାଏ । କିନ୍ତୁ ମୁକୁନ୍ଦଙ୍କ କ୍ଷେତ୍ରରେ ଏକାଥରରେ ୬୫ ହଜାର ଟଙ୍କା ଋଣ ମଞ୍ଜୁର ହେବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଦାବି ହେଉଛି । ସମ୍ପୃକ୍ତ ପୂର୍ବତନ ବୋର୍ଡ ସଭାପତିଙ୍କ ସହ ଫୋନରେ ଯୋଗାଯୋଗ ଲାଗି ଉଦ୍ୟମ ହୋଇଥିଲେ ହେଁ ସମ୍ଭବ ନ ହେବାରୁ ପ୍ରତିକ୍ରିୟା ମିଳିପାରିନାହିଁ । ସୂଚନାଯୋଗ୍ୟ, ଜିଲାପାଳଙ୍କ ନିକଟରେ ଅଭିଯୋଗ ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ବଲାଙ୍ଗୀର ଡିଆରଏସିଏସ ଅଫିସରୁ ଏକ ଟିମ୍ ଉକ୍ତ ପାକ୍ସରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ସୁସ୍ଥ ଜୀବନ ପାଇଁ ଉତ୍ତମ ପୋଷଣ ଆବଶ୍ୟକ

## ଜିଲାସ୍ତରୀୟ ପୋଷଣ ମାସ ପାଳନ



ପୋଷଣ ମାସ ପାଳନ ଅବସରରେ ଜିଲାପାଳ ଓ ଅନ୍ୟ ଅଧିକାରୀବୃନ୍ଦ।

**ସୋନପୁର,୧୪।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁସ୍ଥ ରହିବା ପାଇଁ ପୁଷ୍ଟିକର ଖାଦ୍ୟ ଖାଇବା ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୫ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ମାସ ୧୬ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି। ଏହିକ୍ରମରେ ଜିଲା ସମାଜ ମଙ୍ଗଳ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ସୁବର୍ଣ୍ଣପୁର ଜିଲାସ୍ତରୀୟ ପୋଷଣ ମାସ ପାଳନ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଅନୁପମା ପଣ୍ଡା ସଂଯୋଜନା କରିଥିଲେ।

ଜିଲାପାଳ ଡ. ନୃପରାଜ ସାହୁ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁସ୍ଥ ଜୀବନ ପାଇଁ ଉତ୍ତମ ପୋଷଣ ଆବଶ୍ୟକ ବୋଲି କହିଥିଲେ। ଜିଲାପାଳ କହିଥିଲେ ଗର୍ଭବତୀ ମହିଳମାନଙ୍କୁ ଅଧିକ ପୁଷ୍ଟିକର ଖାଦ୍ୟ ପ୍ରଦାନର ଆବଶ୍ୟକତା ରହିଛି। ସେହିପରି ନବଜାତ ଓ ଶିଶୁମାନଙ୍କୁ ଉତ୍ତମ ପୋଷଣ ପ୍ରଦାନ ପାଇଁ ସ୍ତନ୍ୟପାନ ଓ ସଠିକ୍ ଖାଦ୍ୟାଭାସ ବିଷୟରେ ସଚେତନ କରିବା ପୋଷଣ ମାସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ଓ ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ କହିଥିଲେ ଅପପୁଷ୍ଟି, ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ପ୍ରଣୟନ କରିବା ସହ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେଣୁ ପୁଷ୍ଟି ବିଷୟରେ ଆମକୁ ଅଧିକ ସଚେତନ ହେବାକୁ ପଡିବ ବୋଲି ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ କହିଥିଲେ, ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଅଭାବରୁ ଅନେକ ପ୍ରକାର ରୋଗ ହେଉଛି। ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥତା ପାଇଁ ସେ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ପୂର୍ବରୁ ପୋଷଣକୁ ନେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜିତ କୁଇଜ୍, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ପ୍ରୋଗ୍ରାମ ଅଫିସର ଅନିତା ଗୁରୁ, ସମସ୍ତ ସିଡିପିଓ, ସୁପରଭାଇଜର ଓ ଅଙ୍ଗନୱାଡି କର୍ମୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ପୋଷଣ କାର୍ଯ୍ୟକ୍ରମର ଜିଲା ସଂଯୋଜକ ସଞ୍ଜିବ କୁମାର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଛାତ୍ରୀଛାତ୍ରମାନେ ବଡ଼ ସ୍ୱପ୍ନ ଦେଖନ୍ତୁ



ସୁରଭି ଉତ୍ସବରେ ଅତିଥିବୃନ୍ଦ।

**ସୋନପୁର,୧୪।୧୦(ମୃତ୍ୟୁଞ୍ଜୟ ଶତପଥୀ)**

## ଜନମୁରାରେ କ୍ଲଷ୍ଟର ସ୍ତରୀୟ ସୁରଭି ଉତ୍ସବ

ସୋନପୁର ବ୍ଲକ ଜନମୁରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି ଉତ୍ସବ ସିଆରସିସି ରିଚପାଲ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ସମଗ୍ର ଶିକ୍ଷା ଅଭିଯାନର ପେଡାଗୋଜି ଡ. ଅକ୍ଷୟ କୁମାର ସାହୁ ଯୋଗଦେଇ ଜୀବନରେ ସଫଳତା ପାଇବା ପାଇଁ ଛାତ୍ରୀଛାତ୍ର ବଡ଼ ସପ୍ନ ଦେଖିବାକୁ ପରାମର୍ଶ ଦେଇଥିଲେ । ପୂର୍ବତନ ରାଷ୍ଟ୍ରପତି ଡ ଏପିଜେ ଅବଦୁଲ କାଲାମଙ୍କ ଆଦର୍ଶରେ ଛାତ୍ରୀଛାତ୍ର ଅନୁପ୍ରାଣିତ ହେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମନୋରଞ୍ଜନ ତ୍ରିପାଠୀ ଯୋଗଦେଇ ସମସ୍ତ ଶିଶୁ ସମାନ। ସମସ୍ତଙ୍କ ନିକଟରେ କିଛି ନା କିଛି କଳା ଓ ପ୍ରତିଭା ଭରି ରହିଛି। ଉପଯୁକ୍ତ ମାର୍ଗଦର୍ଶନ ମିଳିଲେ ଛାତ୍ରୀଛାତ୍ରଙ୍କ ପ୍ରତିଭାର ବିକାଶ ଘଟିବ ବୋଲି ସେ ମତପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ସିଆରସିସି ବ୍ରତାନନ୍ଦ ଭୋଇ ସୁରଭିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଦିଲ୍ଲୀପ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲା ବେଳେ ଜନମୁରା ବିଦ୍ୟାଳୟ ପ୍ରଧାନଶିକ୍ଷକ ସୋମନାଥ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଏଥିରେ ସହଯୋଗ କରିଥିଲେ। ପରେ କୃତି ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଉତ୍ସବରେ ବୁଦ୍ଧିଜୀବୀ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟ ଯୋଗଦେଇଥିଲେ।

# ଓଏଭି ପରିଚାଳନା, ବିକାଶ ସମିତି ବୈଠକ

**ବୀରମହାରାଜପୁର,୧୪।୧୦(ଯୁଗଳ କିଶୋର ମିଶ୍ର)**

## ବାଳକ ଛାତ୍ରାବାସ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ରଥପୁରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ପରିସରରେ ମଙ୍ଗଳବାର ବିଦ୍ୟାଳୟ ପରିଚାଳନା ଓ ବିକାଶ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଡ଼.ନୃପରାଜ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ଓ ବିକାଶ ସମିତିର ସଭ୍ୟ ଡ଼. ପ୍ରଫୁଲ୍ଲ ରଥ, ଇନ୍ଦ୍ରଜିତ ପରୁଆ, ସନ୍ତୋଷିନି ନାୟକ, ନିରଞ୍ଜନ ଦାସ, ଡ଼ ସରୋଜ କୁମାର ପାଣିଗ୍ରାହୀ, ଶତ୍ରୁଘ୍ନ ସିଂ, ସିଆରସିସି ଦିଗାମ୍ବର ଶତପଥୀ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ଉନ୍ନତି ସକାଶେ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ବିଶେଷ ଭାବେ ବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସର କାର୍ଯ୍ୟ ଶୀଘ୍ର ଆରମ୍ଭ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟରେ ପାଣିର ବ୍ୟବସ୍ଥା, ମଧ୍ୟାହ୍ନ ଭୋଜନ ଗୃହ ପାଇଁ ସମ୍ପୃକ୍ତ ଅଧିକାରୀଙ୍କୁ ବିହିତ ପଦକ୍ଷେପ ଗ୍ରହଣ ପାଇଁ କହିଥିଲେ। ଏଥିସହ ସାଇକେଲ, ମଟର ସାଇକେଲ ଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତ୍ତି ହେଇଥିଲା। ବିଦ୍ୟାଳୟ ଶିକ୍ଷକ ନରେନ୍ଦ୍ର କୁମାର ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଶାଶ୍ୱତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ ଜଳଦେବ ବେରିହାଙ୍କ ସ୍ୱରଚିତ ପୁସ୍ତକ କାନଭାସର ପ୍ରଥମଗାର ଜିଲାପାଳଙ୍କୁ ଉପହାର ଦେଇଥିଲେ। ସେହିପରି ଏକାଦଶ ଶ୍ରେଣୀ ଛାତ୍ରୀ ସ୍ୱାଇଲ ପ୍ରିୟଦର୍ଶିନୀ ସ୍ୱଅଙ୍କିତ ଜିଲାପାଳଙ୍କ ଏକ ପ୍ରତିଛବି ତାଙ୍କୁ ଭେଟି ଦେଇଥିଲେ।




ବୈଠକରେ ଅତିଥି, ଅଧିକାରୀବୃନ୍ଦ।



ବୁଣାକାର ସଚେତନତା ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ।

# ବୁଣାକାର ସଚେତନତା ଶିବିର

**ଡୁଙ୍ଗୁରିପାଲି, ୧୪।୧୦ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବନ୍ଧପାଲି ଗ୍ରାମପଞ୍ଚାୟତ ସିଆଲବାହାଲି ଗ୍ରାମରେ ସ୍ୱର୍ଣ୍ଣପୁରୀ ବସ୍ତ୍ରାଳୟ ବୁଣାକାର ସହକାରୀ ସମିତି ଖୁଣ୍ଟପାଲି ଆନୁକୂଲ୍ୟରେ ବୁଣାକାର ସଚେତନତା ଶିବର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଡୁଙ୍ଗୁରିପାଲି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାଡା ଯୋଗଦେଇ ସମ୍ବଲପୁରୀ କପଡାର ଚାହିଦା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନୀତ ଅତିଥିଭାବେ ସୁବର୍ଣ୍ଣପୁର ବୟନଶିଳ୍ପ ଉପନିର୍ଦ୍ଦେଶକ ସତ୍ୟାନନ୍ଦ ବେହେରା, ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ ବୈଷ୍ଣବ ଦାସ, ସୁବର୍ଣ୍ଣପୁର ଜେଇଓ ସନ୍ତୋଷ ବେହେରା ଯୋଗଦେଇଥିଲେ। ବୈଷୟିକ ବୁଣାକାର ସହାୟକ ସନାତନ ବାସ୍କେ ସଭା ପରିଚାଳନା କରିଥିଲେ। ଶିବିରକୁ ଖୁଣ୍ଟପାଲି ସ୍ୱର୍ଣ୍ଣପୁରୀ ବସ୍ତ୍ରାଳୟ ବୁଣାକାର ସହକାରୀ ସମିତିର ସମ୍ପାଦକ ନେହେରୁ ବିଭାର ସଂଯୋଜନା କରିଥିଲେ। ଶିବିରରେ ବାନ୍ଧ, ରଙ୍ଗ ଓ ବୁଣା ଟ୍ରେନିଂ, ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା, ତନ୍ତଗର୍ତ୍ତ ଲେଇ ଯୋଜନା, ବଳିଆ ଯୋଜନା, ତନ୍ତଶାଳା ନିର୍ମାଣ ଯୋଜନା, ତନ୍ତ ଓ ତନ୍ତ ସରଞ୍ଜାମ ବଣ୍ଟନ ଯୋଜନା, ଦକ୍ଷତା ବୃଦ୍ଧି ତାଲିମ ଯୋଜନା, ପରିଭ୍ରମଣ ଓ ପରିଦର୍ଶନ, ବୟନ ଶିଳ୍ପ ବିଭାଗ ତରଫରୁ ବୁଣାକାରମାନଙ୍କୁ ଦିଆଯାଉ ଥିବା ସୁବିଧା ସୁଯୋଗ ଉପରେ ଅତିଥିମାନେ ଉପସ୍ଥିତ ଥିବା ବୁଣାକାରମାନଙ୍କୁ କହିଥିଲେ। ଶିବିରରେ ସିଆଲବାହାଲି, ଗମ୍ଭାରୀପାଲି, ବଡ଼ନୂଆଁପାଲି, ମାଝୀମୁଣ୍ଡା, ଡୁଙ୍ଗୁରିପାଲି ଆଖପାଖ ଅଞ୍ଚଳର ୨୫୦ଜଣ ମହିଳା ଓ ପୁରୁଷ ବୁଣାକାର ଯୋଗଦାନ କରିଥିଲେ। ସୁବର୍ଣ୍ଣପୁର ବୈଷୟିକ ସହାୟକ ସୁରେନ୍ଦ୍ର କୁମାର ରାୟ, କନିଷ୍ଠ ବୁଣାକାର ପରିଦର୍ଶକ ମହେଶ୍ୱର ଭୋଇ, ବୈଷୟିକ ସହାୟକ ସୋନପୁର ଟ୍ୱିଙ୍କଲ ଭୋଇ, ବୟନ ନିରୀକ୍ଷକ ଲିପୁନ ପରିଡା, ନାଇକେନପାଲି ସ୍ୱର୍ଣ୍ଣପୁରୀ ବସ୍ତ୍ରାଳୟ ତନ୍ତବାୟ ସହଯୋଗ ସମିତି ସମ୍ପାଦକ ହାଡୁ ମେହେର ଦାୟିତ୍ୱ ନେଇଥିଲେ।

# ବାଉଁଶୁଣୀ କନିଷ୍ଠ ମହାବିଦ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର

**ବିନିକା,୧୪।୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଉଁଶୁଣୀ କନିଷ୍ଠ ମହାବିଦ୍ୟାଳୟରେ ଏକ ଚକ୍ଷୁ ପରୀକ୍ଷା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାନଦୀ ନେତ୍ର ଚିକିତ୍ସାଳୟ ପାଣ୍ଡପାଲି ଓ ମହାବିଦ୍ୟାଳୟ ରେଡ଼କ୍ରସ ଅଧକ୍ଷ ନିହାର ରଞ୍ଜନ ଗଡ଼ତିଆଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ ରେଖା ପଧାନ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଶିଳ୍ପପତି ଆଦିକନ୍ଦ ବାବୁ, ଭାଜପା ନେତା ଜନାର୍ଦ୍ଦନ ଖମାରୀ, ରେଡ଼କ୍ରସ ସଂଯୋଜକ ବିଶ୍ୱନାଥ ମିଶ୍ର ଯୋଗଦେଇଥିଲେ। ଶିବିରରେ ୧୩୦ଜଣ ଚକ୍ଷୁ ପରୀକ୍ଷା କରିଥିଲେ । ସେମାନଙ୍କ ମଧ୍ୟରୁ ୧୮ଜଣଙ୍କୁ ଅସ୍ତ୍ରୋଚାର ପାଇଁ ମୁଖ୍ୟ ଚିକିତ୍ସାଳୟକୁ ରେଫର କରାଯାଇଛି।

# ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ବିନିକା,୧୪। ୧୦(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତ ଜାମପାଲି ଗ୍ରାମର ଧର୍ମ ପରାୟଣ ବ୍ୟକ୍ତି ମୀନକେତନ ଦେହେରି (୯୦)ଙ୍କ ମଙ୍ଗଳବାର ପରଲୋକ ଘଟିଛି। ସ୍ୱର୍ଗତ ଦେହେରୀ ମାହେଶ୍ୱରୀ ପୂଜକ ରହିବା ସହ ଆଧ୍ୟାତ୍ମିକ ମାର୍ଗରେ ଅନୁପ୍ରାଣିତ ହୋଇଥିଲେ। ପରଲୋକ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ୩ ପୁଅ ଟିକେଶ୍ୱର, ବନବାସ, ପ୍ରକାଶଙ୍କ ସହିତ ଜ୍ଞାତି ପରିଜନ ଉପସ୍ଥିତ ଥିଲେ। ପରେ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଶ୍ମଶାନ ଘାଟକୁ ନିଆଯାଇ ଅନ୍ତିମ ସତ୍କାର କରାଯାଇଥିଲା। ବଡ଼ପୁଅ ଟିକେଶର ଦେହେରି ମୁଖାଗ୍ନି ଦେଇଥିଲେ।

# ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ



ନିରାପତ୍ତା ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଅମରପାଲି,୧୪।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲରେ ମଙ୍ଗଳବାର ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍କୁଲ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ସ୍କୁଲ ନିରାପତ୍ତା କମିଟି ସଭାପତି ଅଶୋକ କୁମାର ସାହୁ, ବିଜ୍ଞାନ ଶିକ୍ଷକ ପଦ୍ମନାଭ ପ୍ରଧାନ, ସମ୍ବିତ ପ୍ରଧାନ, କହ୍ନେଇ ଚରଣ ପ୍ରଧାନ, ଉକ୍ତ ସ୍କୁଲର ପୁରାତନ ଛାତ୍ର ସଂସଦ ସଭାପତି ପୀତାମ୍ବର ସାହୁ, ନଟବର ରଣା ଯୋଗଦେଇ ସାପ କାମୁଡ଼ା ଓ ବଜ୍ରପାତରୁ ରକ୍ଷା ପାଇବାର ଉପାୟ ବତାଇଥିଲେ। ପ୍ରତିବର୍ଷ ସାପ କାମୁଡ଼ା ଓ ବଜ୍ରପାତରେ ଅନେକ ଜୀବନ ଯାଉଛି। ଏଣୁ ଏଥିରୁ ବଞ୍ଚିବା ପାଇଁ ବିଭିନ୍ନ ଉପାୟଗୁଡ଼ିକ ଉପସ୍ଥିତ ଅତିଥିମାନେ ବୁଝାଇଥିଲେ। ସମ୍ବିତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମରେ ପ୍ରାୟ ୨୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# କମାଣ୍ଡୋ-୧୧ ଭୁବନେଶ୍ୱର ସେମିଫାଇନାଲରେ



ଉଦ୍‌ଘାଟନୀ ଅବସରରେ ଅତିଥିମାନେ ଖେଳାଳିମାନଙ୍କ ସହ ପରିଚିତ ହେଉଛନ୍ତି।

**ବୀରମହାରାଜପୁର/ଅମରପାଲି,୧୪।୧୦ (ଯୁଗଳ କିଶୋର ମିଶ୍ର/ପୀତାମ୍ବର ସାହୁ)**

## ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ପଣ୍ଡିଆପାଲି ଗ୍ରାମ ଖେଳ ପଡିଆରେ ୧୬ତମ ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ ପ୍ରତିଷ୍ଠାତା ପଙ୍କଜ ଖମାରୀ, ହିଲୁଙ୍ଗ ସମିତିସଭ୍ୟ ଶୈଳରଞ୍ଜନ ବାଦୀ, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ ସମ୍ମାନିତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଆୟୋଜକ ପଣ୍ଡିଆପାଲି ଓ ସିଉଳା-୧୧ ପୁରୀ ମଧ୍ୟରେ ହୋଇଥିଲା। ପଣ୍ଡିଆପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୫୦ ରନ କରିଥିଲା। ଜବାବରେ ପୁରୀ ଦଳ ୪ ଓଭରରେ କୌଣସି ଉଇକେଟ ନ ହରାଇ ଆବଶ୍ୟକ ୫୧ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପୁରୀର ପବିତ୍ର ଧରୁଆଙ୍କୁ ମ୍ୟାନ ଅଫ ଦି ମ୍ୟାଚଭାବେ ପୁରସ୍କୃତ କରାଯାଇଥିଲା।

ଦ୍ୱିତୀୟ ମ୍ୟାଚ କମାଣ୍ଡୋ-୧୧ ଭୁବନେଶ୍ୱର ଓ ଏମଏସଟି ବଲାଙ୍ଗୀର ମଧ୍ୟରେ ହୋଇଥିଲା। ବଲାଙ୍ଗୀର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ ଉଇକେଟ ହରାଇ ୬୬ ରନ କରିଥିଲା। ଜବାବରେ ଭୁବନେଶ୍ୱର ଦଳ ୪.୩ ଓଭରରେ ଗୋଟିଏ ମାତ୍ର ଉଇକେଟ ହରାଇ ଆବଶ୍ୟକ ୬୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଏହି ମ୍ୟାଚ ପାଇଁ ଭୁବନେଶ୍ୱରର ବିଶ୍ୱଜିତ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ତୃତୀୟ ମ୍ୟାଚ ପ୍ରଥମ ମ୍ୟାଚ ବିଜେତା ପୁରୀ ଓ ଦ୍ୱିତୀୟ ମ୍ୟାଚ ବିଜେତା ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଏଥିରେ ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୬ ଉଇକେଟ ହରାଇ ୮୮ ରନ କରିଥିବା ବେଳେ ପୁରୀ ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୪୪ ରନ କରି ପରାସ୍ତ ହୋଇଥିଲା। ଫଳରେ ଭୁବନେଶ୍ୱର ଦଳ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଆୟୋଜକ ସଭାପତି ପ୍ରଫୁଲ୍ଲ ବେହେରା ଅତିଥିଭାବେ ଯୋଗଦେଇ ଭୁବନେଶ୍ୱରର ବିଶ୍ୱରଞ୍ଜନ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ।



# ମୋବାଇଲ ଟାୱାର ପୋଡ଼ିଲେ ମାଓବାଦୀ

**ରାଉଲକେଲା, ୧୪।୧୦(ସଙ୍ଗୀତା ଜେନା):** ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମି ଜିଲା ସରଣ୍ଡା ଜଙ୍ଗଲର ଛୋଟାନାଗ୍ରାହ ଅଞ୍ଚଳରେ ସୋମବାର ରାତିରେ ମାଓବାଦୀମାନେ ଏକ ଏୟାରଟେଲ୍ ମୋବାଇଲ୍ ଟାୱାରରେ ନିଆଁ ଲଗାଇ ଦେଇଛନ୍ତି। ଫଳରେ ଏହା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବହୁ ସଂଖ୍ୟକ ସଶସ୍ତ୍ର ମାଓବାଦୀ ବାହାଡା ଗାଁରେ ପହଞ୍ଚି ଟାୱାର ଉପକରଣଗୁଡ଼ିକରେ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣା ପରେ ଅଞ୍ଚଳରେ ମୋବାଇଲ୍ ନେଟୱାର୍କ ସେବା ବାଧାପ୍ରାପ୍ତ ହୋଇଥିଲା। ପୋଲିସର ମାଓବାଦୀ ବିରୋଧୀ ଅଭିଯାନକୁ ବିରୋଧ କରି ଏକ ସପ୍ତାହ ପ୍ରତିଶୋଧ ନେବା ପାଇଁ ଟାୱାର ଚାରିପାଖରେ ମାଓବାଦୀ ପୋଷ୍ଟର ଲଗାଯାଇଥିଲା। ଏହି ଘଟଣା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା ଏବଂ ସୁରକ୍ଷା ବାହିନୀ ସମଗ୍ର ଅଞ୍ଚଳରେ ସର୍ଚ୍ଚ ଅପରେଶନ କରିଥିଲେ। ଉଲ୍ଲେଖନୀୟ, ଦୁଇ ଦିନ ତଳେ ଶନିବାର ରାତିରେ ଜରାଇକେଲା ଥାନା ଅନ୍ତର୍ଗତ କୋଲଭୋଙ୍ଗା ଗାଁରେ ମଧ୍ୟ ମାଓବାଦୀମାନେ ଏକ ଏୟାରଟେଲ୍ ମୋବାଇଲ୍ ଟାୱାରରେ ନିଆଁ ଲଗାଇ ଦେଇଥିଲେ।

# କାର ଧକ୍କାରେ ବୃଦ୍ଧ ମୃତ

**କୁତ୍ରା, ୧୪।୧୦(ଦେବାଶିଷ):** କୁତ୍ରା ବସଷ୍ଟାଣ୍ଡ ନିକଟ ବିଜୁ ଏକ୍ସପ୍ରେସ ୱେର ଚୁନିପଡା ଛକରେ ଏକ କାର୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁତ୍ରା ବ୍ଲକ ତୁନମୁରା ଅଟୋମୁଣ୍ଡାର ଗମାଇ ଲାକଡା (୬୫)। ସେ ମଧ୍ୟାହ୍ନ ୧୨ଟାରେ ଏକ ସାଇକେଲ ବିଜୁ ଏକ୍ସପ୍ରେସ ୱେ ଅତିକ୍ରମ କରୁଥିବା ବେଳେ ସୁନ୍ଦରଗଡରୁ ରାଉରକେଲା ଆଡକୁ ଯାଉଥିବା କାର୍ (ନଂ.ଓଡ଼ି୧୪ଏଏ/୦୪୧୩) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କୁତ୍ରା ଡାକ୍ତରଖାନା ଓ ପରେ ଆର୍‌ଜିଏଚ୍‌କୁ ସ୍ଥାନାନ୍ତର କରାଯାଉଥିବାବେଳେ ରାଜଗାଙ୍ଗପୁରଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଛି।

# ମାଓବାଦୀ ନେତା ସୁନୀଲ ଗଞ୍ଜୁ ଗିରଫ

**ରାଉରକେଲା, ୧୪।୧୦(ସଙ୍ଗୀତା ଜେନା)**

ଦୀର୍ଘଦିନ ଧରି ଝାଡ଼ଖଣ୍ଡ-ଓଡ଼ିଶା ସୀମାନ୍ତ ଅଞ୍ଚଳରେ ସକ୍ରିୟ ଥିବା ସିପିଆଇ (ମାଓବାଦୀ)ର ପୂର୍ବତନ ଜୋନାଲ କମାଣ୍ଡର ସୁନୀଲ ଗଞ୍ଜୁଙ୍କୁ ଝାଡ଼ଖଣ୍ଡ ହଜାରିବାଗ ପୋଲିସ ବାରକାଗାଗର ଥାନା ଅଧୀନ ଜୋରାକଟ ଅଞ୍ଚଳରୁ ମଙ୍ଗଳବାର ଗିରଫ କରିଛି। ତାଙ୍କଠାରୁ ମାଓବାଦୀ ଲେଟରହେଡ୍ ଓ ପାମ୍ପଲେଟ୍ ଜବତ କରାଯାଇଛି। ସୁନୀଲ ୧୯୯୦ରୁ ମାଓବାଦୀ ସଙ୍ଗଠନରେ ସକ୍ରିୟ ଥିଲେ। ସେ ୨୦୦୧ରେ ବେଲ୍‌ଟୁ ଗଣହତ୍ୟାରେ ମୁଖ୍ୟ ଭୂମିକା ନେଇଥିଲେ। ସେତେବେଳେ ମାଓବାଦୀମାନେ ମୃତକଙ୍କ ମୁଣ୍ଡ କାଟି ଫୁଟବଲ୍ ଖେଳିଥିବା ଅଭିଯୋଗ ହୋଇଥିଲା। ୨୦୧୮ରେ କାରାଗାରରୁ ମୁକ୍ତ ହେବା ପରେ ସୁନୀଲ ପୁନଃ ମାଓବାଦୀ ସଙ୍ଗଠନରେ ଯୋଗ ଦେଇଥିଲେ। ସେ ଜୋରାକଟ ଅଞ୍ଚଳରେ ସହଯୋଗୀମାନଙ୍କ ସହ ମିଶି ଟିକସ ଆଦାୟ କରୁଥିଲେ। ତେବେ ସୁନିଲ ହଜାରିବାଗ ଅଞ୍ଚଳରେ ସଙ୍ଗଠନକୁ ନୂଆ କରି ଗଢ଼ିବାକୁ ପ୍ରୟାସ କରୁଥିଲେ। ତାଙ୍କ ଗିରଫଦାରି ପରେ ମାଓବାଦୀ ସଙ୍ଗଠନକୁ ବଡ଼ ଝଟ୍‌କା ଲାଗିଛି ବୋଲି ହଜାରିବାଗ ଏସ୍‌ପି ଅଞ୍ଜନୀ ଅଞ୍ଜନ ସୂଚନା ଦେଇଛନ୍ତି।



ପୋଲିସ ହେପାଜତରେ ଗିରଫ ମାଓବାଦୀ।



ସିଭିଲଟାଉନଶିପ୍ ଶାସ୍ତ୍ରୀ ମାର୍ଗ ସହ ମୁଖ୍ୟମାର୍ଗକୁ ଯୋଡୁଥିବା ରାସ୍ତା ପାର୍ଶ୍ୱରେ କୁଢ କୁଢ ଅଳିଆ ଗଦା ହୋଇଛି।

# ଦୀପାବଳି ପାଇଁ ବଜାରରେ ଭିଡ

**ରାଉରକେଲା, ୧୪।୧୦(ବିପ୍ଳବ ରଞ୍ଜନ ଦାଶ)**

ଆଗକୁ ଆସୁଛି ଦୀପାବଳି। ଏହାକୁ ନେଇ ରାଉରକେଲା ସହର ଚଳଚଞ୍ଚଳ ହୋଇପଡିଛି। ଏଥିପାଇଁ ପୂଜା ସାମଗ୍ରୀ ସମେତ ମିଷ୍ଟାନ୍ନ, ଲୁଗା ଦୋକାନ ଓ କୁମ୍ଭକାରଙ୍କ ମାଟି କଳସ, ମାଟି ଦୀପ ଆଦି ଦୋକାନମାନଙ୍କରେ ଭିଡ ହେଲାଣି। ରାଉରକେଲା ସହରର ଡେଲି ମାର୍କେଟ୍ ସମେତ ଉଦିତନଗର, ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ, ପାନପୋଷ ମାର୍କେଟ୍, ବେଦବ୍ୟାସ, ଫର୍ଟିଲାଇଜର ସହରାଞ୍ଚଳର ମାର୍କେଟ ସହ ଇସ୍ପାତ ସହରାଞ୍ଚଳର ସେକ୍ଟର-୧୯ ଆମ୍ବାଗାନ ମାର୍କେଟ, ଗଜପତି ମାର୍କେଟ ଓ ଅନ୍ୟାନ୍ୟ ମାର୍କେଟରେ ଲୋକେ ବିଭିନ୍ନ ଜିନିଷ କିଣାକିଣି କରୁଥିବା ଦେଖିବାକୁ ମିଳିଛି।

# ଛାତ୍ରୀଙ୍କୁ ଅପହରଣ ଉଦ୍ୟମ ଘଟଣାରେ ୨ ଗିରଫ

**ରାଉରକେଲା, ୧୪।୧୦(ଦିନେଶ ମିଶ୍ର)**

ରଘୁନାଥପାଲି ଥାନା ଅନ୍ତର୍ଗତ ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟ ସାମ୍ନାରେ ଜଣେ ଛାତ୍ରୀଙ୍କୁ ପ୍ରେମ ନିବେଦନ ସହ ଅପହରଣ ଉଦ୍ୟମ ଘଟଣାରେ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋବିନ୍ଦ ରାଜ ଓରଫ ରାଜଭର(୨୨) ଏବଂ ଗୌତମ କକ୍ ଓରଫ ଡବୁ(୨୪)। ଉଭୟଙ୍କଠାରୁ ଗୋଟିଏ ପିସ୍ତଲ, ଗୋଟିଏ ଭୁଜାଲି ଓ ସ୍କୁଟି (ନଂ.ଓଆର୧୪ଏକ୍ସ/୩୧୫୫) ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୫୯୦/୨୫) ରୁଜୁ କରି ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁଯାୟୀ, ରାଉରକେଲା ସ୍ୱୟଂ ଶାସିତ କଲେଜର ଜଣେ ଛାତ୍ରୀ ସୋମବାର ପୂର୍ବାହ୍ନ ୧ଟାରେ କଲେଜକୁ ଆସୁଥିବାବେଳେ ତାଙ୍କୁ ରାଜଭର ଓ ଡବୁ ରାସ୍ତାରେ ଅଟକାଇ ପ୍ରେମ ନିବେଦନ କରିବା ସହ ଅପହରଣ ଉଦ୍ୟମ କରିଥିଲେ। ଏହି ସମୟରେ ସମାଜସେବୀ ନିରଜ ଚର୍ତ୍ତୁବେଦୀ କୌଣସି କାମରେ ବେଦବ୍ୟାସ ଯାଉଥିବାବେଳେ ଛାତ୍ରୀଙ୍କୁ ଏଭଳି ଅସଭ୍ୟ ଆଚରଣ ଦେଖି ବିରୋଧ କରିଥିଲେ। ପରେ ଦୁଇଜଣ ଯୁବକ ଏକ ବନ୍ଧୁକ ଓ ଭୁଜାଲି ଦେଖାଇ ଭୟଭୀତ କରିବାବେଳେ ସ୍ଥାନୀୟ ଲୋକେ ଉଭୟଙ୍କୁ କାବୁ କରି ନିସ୍ତୁକ ମାଡ ମାରିଥିଲେ। ପରେ ରଘୁନାଥପାଲୀ ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଯୁବକଦ୍ୱୟଙ୍କୁ ଥାନାକୁ ନେଇ ଅଟକ ରଖିଥିଲେ। ସମାଜସେବୀ ଚତୁର୍ବେଦୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରିଥିଲା।



ଗିରଫ ଦୁଇ ଅଭିଯୁକ୍ତ।

# ଆଧୁନିକ ସାହିତ୍ୟରେ ଶିଶୁ ମନସ୍ତତ୍ତ୍ୱ ଆଲୋଚନାଚକ୍ର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ରାଉରକେଲା, ୧୪।୧୦(ବିପ୍ଳବ ରଞ୍ଜନ ଦାଶ)**

ସୁନ୍ଦରଗଡ଼ ଲେଖକ ସାମ୍ମୁଖ୍ୟ ଓ ମଧୁସୂଦନ ପାଠାଗାରର ମିଳିତ ଆନୁକୂଲ୍ୟରେ 'ଆଧୁନିକ ସାହିତ୍ୟରେ ଶିଶୁ ମନସ୍ତତ୍ତ୍ୱ' ଶୀର୍ଷକ ଏକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ଭୂପେନ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିଶୁ ସାହିତ୍ୟିକ ହରମୋହନ ମିଶ୍ର ମୁଖ୍ୟଅତିଥି, ସମାଜସେବୀ ଅଭୟ ଦାସ, ସମ୍ପାଦିକା ରଶ୍ମୀବାଳା ରାଉତରାୟ ସମ୍ମାନିତ ଅତିଥି ଏବଂ ବରିଷ୍ଠ ଶିଶୁ ସାହିତ୍ୟିକ ତ୍ରିଲୋଚନ ମଥାନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଆଧୁନିକ ସାହିତ୍ୟ ଓ ଶିଶୁ ମନସ୍କ ସାହିତ୍ୟରେ ଅନେକ ଫରକ ରହିଛି ବୋଲି ମୁଖ୍ୟବକ୍ତା ମଥାନ କହିଥିଲେ। ଅତୀତ ନ ଥିଲେ, ବର୍ତ୍ତମାନ ନ ଥାଏ। ଯେଉଁଠି ଅତୀତ ରହିଛି, ବର୍ତ୍ତମାନ ସଦ୍ୟ ପ୍ରସ୍ଫୁଟିତ ହେବ, ବର୍ତ୍ତମାନ ଉଜ୍ଜ୍ୱଳ ହୋଇ ରହିବ ବୋଲି ମୁଖ୍ୟ ଅତିଥି ମିଶ୍ର କହିଥିଲେ। ଶିକ୍ଷୟିତ୍ରୀ ନିରୁପମା ପତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉପଦେଷ୍ଟା ପଶୁପତିନାଥ ଚାଟାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ତ୍ରୈମାସିକ ପତ୍ରିକା 'ନାଗରା' ଓ ଉପନ୍ୟାସ 'ଦୂରନ୍ତର ପକ୍ଷୀ' ଉନ୍ମୋଚିତ ହୋଇଥିଲା। ପରେ ଗଳ୍ପ ଓ କବିତା ପାଠ ହୋଇଥିଲା। ଏଥିରେ ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀ ସଭାବତିତ୍ୱ କରିଥିବାବେଳେ ଗୀତାରାଣୀ ବେହେରା ଓ ପ୍ରତାପ କୁମାର ପଣ୍ଡା ସଂଯୋଜନା କରିଥିଲେ।

# ବିଶୃଙ୍ଖଳାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ରାଉରକେଲା, ୧୪।୧୦(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କେତେଜଣ ଯୁବକ କଲେଜ ଅଧ୍ୟକ୍ଷାଙ୍କ ପ୍ରକୋଷ୍ଠକୁ ପଶି ବିଶୃଙ୍ଖଳା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ କାର୍ଯ୍ୟାନୁଠାନ ଗ୍ରହଣ କରିବା ଦାବି କରି କଲେଜର ଅଧ୍ୟକ୍ଷା ସସ୍ମିତା ସାମଲଙ୍କ ନେତୃତ୍ୱରେ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ମଙ୍ଗଳବାର ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟଙ୍କୁ ଭେଟି ଫେରାଦ ହୋଇଥିଲେ। କେନ୍ଦ୍ରମନ୍ତ୍ରୀ ଅଭିଯୋଗକାରୀମାନଙ୍କୁ ସାନ୍ତ୍ୱନା ଦେବା ସହ ଏହାର ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଡିଆଇଜି ଓ ଏସ୍‌ପି ମଧ୍ୟ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି।



କଲେଜ କର୍ତ୍ତୃପକ୍ଷ କେନ୍ଦ୍ରମନ୍ତ୍ରୀଙ୍କୁ ଫେରାଦ ହେଉଛନ୍ତି।

# ଆର୍‌ଏସ୍‌ପି ମୁକ୍ତ ବିଦ୍ୟାଳୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ରାଉରକେଲା, ୧୪।୧୦(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଇସ୍ପାତ ଷ୍ଟାଡିୟମଠାରେ ଚାଲିଥିବା ଆର୍‌ଏସ୍‌ପି ମୁକ୍ତ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ-୨୦୨୫ ଗତ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ୍ ଇନଚାର୍ଜ ଟି. ଜି କାନେକର ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଏ ଅବସରରେ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ, କ୍ରୀଡା ବିଭାଗୀୟ ଷ୍ଟାଫ, ବିଦ୍ୟାଳୟ ପ୍ରତିନିଧି ଏବଂ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟର ସିନିଅର ବର୍ଗର ଫାଇନାଲ ମୁକାବିଲାରେ କଲ୍ୟାଣୀ ରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୀଳଶୈଳ ମହାବିଦ୍ୟାଳୟକୁ ୧-୦ରେ ପରାସ୍ତ କରି ବିଜେତା ହୋଇଥିଲା। ଜୁନିଅର ବାଳକ ବର୍ଗରେ ସେଣ୍ଟ ପଲ ସ୍କୁଲ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ବନ୍ଧମୁଣ୍ଡାକୁ ୧-୦ ଗୋଲରେ ହରାଇ ବିଜେତା ହୋଇଥିଲା। ଜୁନିଅର ବାଳିକା ବର୍ଗରେ କଲ୍ୟାଣୀ ରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦଳ ଏନ୍‌ଏସି ଏସ୍‌ଟି ହାଇସ୍କୁଲକୁ ୧-୦ ଗୋଲରେ ପରାସ୍ତ କରି ବିଜେତା ହୋଇଥିଲା। ଉଦଯାପନୀରେ କ୍ରୀଡା ବିଭାଗ ଉପ ପ୍ରବନ୍ଧକ ରଘୁନନ୍ଦନ ପାଢ଼ୀ ସ୍ୱାଗତ ଅଭିଭାଷଣ ଏବଂ କ୍ରୀଡା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ବି. ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଲୋକସମ୍ପର୍କ ବିଭାଗର ଉପପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ, ସହରାଞ୍ଚଳର ୩୭ଟି ବିଦ୍ୟାଳୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



ଅତିଥିଙ୍କଠାରୁ ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

# ନୂତନ କାଷ୍ଟର-୪ରୁ ପ୍ରଥମ କାଷ୍ଟ ସମ୍ପନ୍ନ



ବିଭାଗୀୟ ସାମୂହିକ ଦଳ ସହ ବରିଷ୍ଠ ଅଧିକାରୀ।

**ରାଉରକେଲା, ୧୪।୧୦(ବିପ୍ଳବ ରଞ୍ଜନ ଦାଶ)**

**ଆର୍‌ଏସ୍‌ପି ଷ୍ଟିଲ ମେଲ୍ଟିଂ ଶପ୍-୨**

ଆର୍‌ଏସ୍‌ପି ଗତ ସୋମବାର ଏହାର ଷ୍ଟିଲ ମେଲ୍ଟିଙ୍ଗ ଶପ୍-୨ରେ ସ୍ଥାପିତ ନୂତନ କାଷ୍ଟର-୪ରୁ ପ୍ରଥମ କାଷ୍ଟ ସଫଳତାର ସହିତ ସମ୍ପାଦିତ କରିଛି। ଇସ୍ପାତ ନିର୍ମାଣ କ୍ଷମତା ବିସ୍ତାର ଓ ଭବିଷ୍ୟମୁଖି ପ୍ରଯୁକ୍ତିବିଦ୍ୟା ଗ୍ରହଣ ଲକ୍ଷ୍ୟରେ ଆର୍‌ଏସ୍‌ପି ସାମୂହିକଙ୍କ ନିରବଚ୍ଛିନ୍ନ ଦଳଗତ ପ୍ରୟାସ, ସୂକ୍ଷ୍ମ ଯୋଜନା ଏବଂ ଇଞ୍ଜିନିୟରି ପ୍ରତିଭା ସମ୍ମିଳିତ ସ୍ୱରୂପ ଏହି ମାଇଲଖୁଣ୍ଟ ହାସଲ ହେଉଛି ଏକ ପ୍ରତିବିମ୍ବ। କନସୋର୍ସିୟମ ଲିଡର ଭାବେ ନୂଆଦିଲ୍ଲୀ ସ୍ଥିତ ମେସର୍ସ ଏସ୍‌ଏମ୍‌ଏସ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ତଥା କନସୋର୍ସିୟମ ସଦସ୍ୟ ଭାବେ ମେସର୍ସ ଏସ୍‌ଏମ୍‌ଏସ୍ ଗ୍ରୁପ୍ ଜିଏମ୍‌ବିଏଚ୍ ଜର୍ମାନୀ(ଏସ୍‌ଡିଇ) ଅଧୀନ କାର୍ଯ୍ୟକାରୀ ହୋଇଥିବା ଏହି କାଷ୍ଟର-୪ ପ୍ରକଳ୍ପ ୨୦୨୨ ଫେବୃଆରୀ ୧୬ତାରିଖରେ ଚୁକ୍ତି ସ୍ୱାକ୍ଷରିତ ହେବା ଦିନଠାରୁ ୪୪ ମାସରେ ଉକ୍ତ ସଫଳତା ହାସଲ କରିବାରେ ସକ୍ଷମ ହୋଇଛି। ଏହି କ୍ଷମତା ଯେକୌଣସି ସ୍ଲାବ୍ କାଷ୍ଟର ପ୍ରକଳ୍ପ ପାଇଁ ସମଗ୍ର ସେଲ୍ କ୍ଷେତ୍ରରେ ଏହା ରେକର୍ଡ ଅବଧି ଅଟେ। ପ୍ରକଳ୍ପ ଟିମ୍‌ର ଉତ୍କୃଷ୍ଟ ଯୋଜନା ଏବଂ ଆନ୍ତଃ-ବିଭାଗର ସୁସମନ୍ୱୟ ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ ଏକାଧିକ ସଟ୍‌ଡାଉନ ସହିତ ପୂର୍ବରୁ କାର୍ଯ୍ୟକ୍ଷମ ୟୁନିଟ୍ ସହିତ ଜଟିଳ ଇଣ୍ଟରଫେସିଙ୍ଗ୍, ସ୍ଥାନ ପରିସୀମା ଜନିତ ଜଟିଳତା ଓ ସିଙ୍କ୍ରୋନାଇଜେଶନ ଭଳି ବହୁ ବ୍ରାଉନଫିଲ୍ଡ ଚ୍ୟାଲେଞ୍ଜକୁ ଦୂର କରାଯାଇଥିଲା।

ଉଲ୍ଲେଖନୀୟ, ପୂର୍ବ ଯୋଜନା ମୁତାବକ ସବୁ ସଟ୍‌ଡାଉନ କାର୍ଯ୍ୟ ସମୟସୀମା ପୂର୍ବରୁ ସମାପ୍ତ ହୋଇଥିଲା, ଯାହା ପୂର୍ବଭଳି କାରଖାନାରୁ ନିରବଚ୍ଛିନ୍ନ ଉତ୍ପାଦନକୁ ସୁନିଶ୍ଚିତ କରିଥିଲା। ଏହି ସମସ୍ତ ଉନ୍ନତତର ବୈଶିଷ୍ଟ୍ୟ ନୂତନ କାଷ୍ଟରକୁ ଦେଶର ସବୁଠୁ ଉନ୍ନତମାନର ସ୍ଲାବ୍‌ରୁ ଅନ୍ୟତମ ମାନ୍ୟତା ଦେଉଛି, ଯାହା ଦକ୍ଷତାର ସହ ସ୍ଥାୟୀ ଭାବରେ ଉନ୍ନତମାନର ସ୍ଲାବ ଉତ୍ପାଦନ କରିବାରେ ସକ୍ଷମ ହୋଇଛି। ଏହିସବୁ ସଫଳତା ଆର୍‌ଏସ୍‌ପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ଆଲୋକ ବର୍ମାଙ୍କ ମାର୍ଗଦର୍ଶନ ଏବଂ ନିରନ୍ତର ପ୍ରୋତ୍ସାହନରେ ସମ୍ଭବ ହୋଇଛି। ଏହି ପ୍ରଥମ କାଷ୍ଟିଙ୍ଗ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ମୁନ୍ନା ପ୍ରସାଦ ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଳ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା, ଏସ୍‌ଏମ୍‌ଏସ୍-୨ ବିଭାଗର ସିଜିଏମ ଏମ୍. ଜି. ଶ୍ରୀକାନ୍ତ ତଥା ପ୍ରକଳ୍ପ, ଏସ୍‌ଏମ୍‌ଏସ୍-୨ ସହ ସମ୍ପୃକ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା। ଏହି ସଫଳତା ପରିପ୍ରେକ୍ଷୀରେ ଆଲୋକ ବର୍ମା ଆର୍‌ଏସ୍‌ପି ସାମୂହିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ଠିକ୍ ରାସ୍ତା ଦେଖାଇଲେ ଆଗକୁ ବଢ଼ିବେ ବିଦ୍ୟାର୍ଥୀ

**ସମ୍ବଲପୁର,୧୪।୧୦(ବି.ଶଙ୍କର)**

ବିକଶିତ ଭାରତ କାର୍ଯ୍ୟକ୍ରମ ଅନ୍ତର୍ଗତ ଜିଲାସ୍ତରୀୟ କଳା ଉତ୍ସବ ସମ୍ବଲପୁର ବୁଢାରଜା ଉଚ୍ଚ ବିଦ୍ୟାଳୟରେ ସଭାକକ୍ଷଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସମଗ୍ର ଶିକ୍ଷା ଆୟୋଜିତ ଏହି ଉତ୍ସବକୁ ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ସମଗ୍ର ଶିକ୍ଷାର ସଂଯୋଜକ ଅରୁଣ କୁମାର ଦାସ ଉତ୍ସବର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁମିତା ପତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ । ସଙ୍ଗୀତ, ବାଦ୍ୟ ସଙ୍ଗୀତ, ନାଟକ, ନୃତ୍ୟ ଚିତ୍ର କଳା, ହସ୍ତକଳା, ପାରମ୍ପରିକ ଗଳ୍ପ କଥନରେ ଏକକ ଓ ଦଳଗତ ଆଧାରରେ ପ୍ରତିଯୋଗିତାଗୁଡିକ ଆୟୋଜିତ ହେଇଥିଲା। ବିଚାରକଭାବେ ବିଶିଷ୍ଟ ନୃତ୍ୟ ବିଶାରଦ ରଞ୍ଜନ ସାହୁ, ସୁରେନ୍ଦ୍ର ବାଗ, ମିତା ପ୍ରଧାନ, ଦେବାଶିଷ ପ୍ରଧାନ, ମମତା ସାହୁ, ରତନ ପୂଜାହାରୀ, ଅଭିନନ୍ଦନ ତ୍ରିପାଠୀ, ସଞ୍ଜୟ ସାହୁ, ସତ୍ୟନାରାୟଣ ବେହେରା, ଶଙ୍କର



ସ୍ଥାନୀୟ ବୁଢାରଜା ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ମଙ୍ଗଳବାର ଆୟୋଜିତ ଜିଲାସ୍ତରୀୟ କଳା ଉତ୍ସବରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ ।

ପ୍ରଧାନ, ମାନସ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ମୂଲ୍ୟାୟନ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଉଜାଗର ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଶିଷ୍ଟ ନାଟ୍ୟଶିଳ୍ପୀ ଡ.ଶ୍ୟାମସୁନ୍ଦର ଧର ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ସଂପ୍ରତି ଛାତ୍ରୀଛାତ୍ରମାନେ ବହୁମୁଖୀ ପ୍ରତିଭାର ଅଧିକାରୀ ଅଟନ୍ତି । କେବଳ ସେମାନଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ଠିକ୍ ରାସ୍ତା ଦେଖାଇବା ଉଚିତ। ଯଦ୍ୱାରା ଭବିଷ୍ୟତରେ ଛାତ୍ରୀଛାତ୍ରମମାନେ ନିଜ କ୍ଷେତ୍ରରେ ସଫଳତା ହାସଲ କରିବେ ବୋଲି ମୁଖ୍ୟ ଅତିଥି ଡ. ଧର ମତବ୍ୟକ୍ତ କରିଥିଲେ। ଦଳଗତ ବିଭାଗର ପ୍ରଥମ ସ୍ଥାନ ଅଧିକାର କରିଥିବା ମାନେଶ୍ୱର ମାନଧାତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବିଦ୍ୟା ବିକାଶ କନସେପ୍ଟ ସ୍କୁଲ, ମାନେଶ୍ୱର ହାଇସ୍କୁଲ, ପୁରୁଣା ବଳାରଙ୍ଗା ହାଇସ୍କୁଲ, ଆଦର୍ଶ ବିଦ୍ୟାଳୟ ବାମରା, ଏକକ ବିଭାଗରେ ଦିବ୍ୟା ରଣା, ରାଧେଶ୍ୟାମ ଜୟପୁରିଆ, ସାନୁ କାକ୍, ଇପସିତା ପ୍ରିୟଦର୍ଶିନୀ, ଶ୍ରେୟାଂଶୀ ପୁରୋହିତ, ପ୍ରିୟମ୍ ବେହେରା ଜୋନାଲ ସ୍ତରକୁ ଯୋଗ୍ୟ ବିବେଚିତ ହେଇଛନ୍ତି। ଏହି ଉତ୍ସବରେ ଜିଲା ଅନ୍ତର୍ଗତ ୯

**ଜିଲାସ୍ତରୀୟ କଳା ଉତ୍ସବ**

**୯ ବ୍ଲକର ୨୨୦ ଜଣ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ**

ବ୍ଲକର ବିଭିନ୍ନ ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ୨୨୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅସୀମ ପ୍ରଧାନ ଓ ଦେବସ୍ମିତା ରାଉତ ମଞ୍ଚ ପରିଚାଳନା କରିଥିଲେ । ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ, ଗୋଷ୍ଠୀ ଶିକ୍ଷା ଅଧିକାରୀ କରଣ ଶର୍ମା, ଲୋକିତା ଦାଶ, ସପ୍ତଶ୍ରୀ ମହାପାତ୍ର, ସମଗ୍ର ଶିକ୍ଷା ସଂଯୋଜକ ଅବିନାଶ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ, ଶିକ୍ଷୟିତ୍ରୀ ମଧୁରିମା ପାଣିଗ୍ରାହୀ, ବନବାସ ପ୍ରଧାନ, ସନ୍ଦୀପ ସାହୁ ସହଯୋଗ କରିଥିଲେ। ଏହି କଳା ଉତ୍ସବକୁ ସମଗ୍ର ଶିକ୍ଷା ସଂଯୋଜକ ଅରୁଣ କୁମାର ଦାସ ଓ ବୁଢାରଜା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସୁମିତା ପତ୍ରୀ ପରିଚାଳନା କରିଥିଲେ।

# ୨୦.୯୨ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ



ଏମ୍‌ସିଏଲ ସିଏସଆର ବିଭାଗ ଏବଂ ଝାରସୁଗୁଡା ଜିଲା ପ୍ରଶାସନ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହେଉଛି ।

**ସମ୍ବଲପୁର,୧୪।୧୦(ବି.ଶଙ୍କର)**

ଏମ୍‌ସିଏଲ୍ ବିକାଶ ଅଭିଯାନରେ ଝାରସୁଗୁଡ଼ା ଜିଲାର ବ୍ରଜରାଜନଗର, ବେଲପାହାଡ ଏବଂ ଲଖନପୁର ବ୍ଲକ ଅନ୍ତର୍ଗତ ଗ୍ରାମାଞ୍ଚଳକୁ ସାମିଲ କରିଛି । ଜିଲାର ଗ୍ରାମଗୁଡ଼ିକର ସର୍ବାଙ୍ଗୀନ ବିକାଶ ପାଇଁ ଏମ୍‌ସିଏଲ୍ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି । ଏହିକ୍ରମରେ ଏମ୍‌ସିଏଲ୍ ଓ ଝାରସୁଗୁଡା ଜିଲା ପ୍ରଶାସନ ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଛି । କମ୍ପାନୀ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ଅଧିନରେ ଝାରସୁଗୁଡା ଜିଲା ପ୍ରଶାସନକୁ ୨୦.୯୨ କୋଟି ଟଙ୍କା ପ୍ରଦାନ କରିଛି। ଏହି ଅର୍ଥ ନାଗରିକ ଭିତ୍ତିଭୂମି ଏବଂ ସାମୁଦାୟିକ ସୁବିଧାଗୁଡ଼ିକ ସୁଦୃଢ଼ ହେବ । ଏହି ପଦକ୍ଷେପରେ ସୌର ଚାଳିତ ହାଇମାଷ୍ଟ

**ଝାରସୁଗୁଡ଼ା ଜିଲାରେ ଏମ୍‌ସିଏଲ୍‌ର ନାଗରିକ ସୁବିଧା**

ଏବଂ ଷ୍ଟ୍ରିଟଲାଇଟ୍ ସ୍ଥାପନ, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମଶାଳା ସେଡ୍, କମ୍ୟୁନିଟି ହଲ, ମିଶନ ଶକ୍ତି ଗୃହ, ଭେଣ୍ଡିଂ ଜୋନ୍, ବସ୍‌ଷ୍ଟପ୍ ଏବଂ ପାନୀୟ ଜଳ ସୁବିଧା ଅନ୍ତର୍ଭୁକ୍ତ ରହିଛି । ଏହା ସହିତ ଆମ୍ବୁଲାନ୍ସ, ଶବବାହକ ଭ୍ୟାନ, ଫଗିଂ ମେଶିନ୍, ପାଣି ଟ୍ୟାଙ୍କର କ୍ରୟ ଏବଂ ପୋଖରୀ ଓ ଖେଳ ପଡ଼ିଆର ବିକାଶ ଭଳି କାର୍ଯ୍ୟକଳାପ ମଧ୍ୟ ଅନ୍ତର୍ଭୁକ୍ତ ହେବ । ଏହି ଚୁକ୍ତିନାମା ସ୍ମାରକପତ୍ରରେ ଏମ୍‌ସିଏଲ ମହାପ୍ରବନ୍ଧକ (ସିଏସଆର) ଏବଂ ଝାରସୁଗୁଡା ଜିଲା ପରିଷଦ ଉନ୍ନୟନ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାକ୍ଷର କରିଥିଲେ ।

# ୧୬ରୁ ଶ୍ରୀ ଜଗନ୍ନାଥ କଥାମୃତ

**ସମ୍ବଲପୁର,୧୪।୧୦(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର କମିଶନର କଲୋନୀସ୍ଥିତ ଶ୍ରୀ ଜ୍ଞାନକ୍ଷେତ୍ରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦିବ୍ୟଲୀଳା ଆଧାରିତ ଶ୍ରୀଜଗନ୍ନାଥ କଥା ଅମୃତ ଆସନ୍ତା ୧୬ ତାରିଖ ଗୁରୁବାରଠାରୁ ଆରମ୍ଭ ହେବ। ୧୯ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଏହା ଆୟୋଜିତ ହେବ । ଏ ନେଇ ମଙ୍ଗଳବାର ଆର୍ଟଅଫ ଲିଭିଙ୍ଗ ପରିବାର ସମ୍ବଲପୁର ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଦିନ ସନ୍ଧ୍ୟା ୫ଟାରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଆଧ୍ୟାତ୍ମିକ ଗୁରୁ ଶ୍ରୀଶ୍ରୀ ରବିଶଙ୍କରଜୀଙ୍କ ପରମଭକ୍ତ ତଥା ଆର୍ଟ ଅଫ ଲିଭିଂର ବରିଷ୍ଠ ପ୍ରଶିକ୍ଷକ ଯୋଗଶାସ୍ତ୍ରୀ ଓ ଜ୍ୟୋତିଷଶାସ୍ତ୍ରୀ ତାପସ ରଞ୍ଜନ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆବିର୍ଭାବ, ଲୀଳା ଓ ତତ୍ତ୍ୱ ବିଷୟରେ ପ୍ରବଚନ ଦେବେ । ଏହି କାର୍ଯ୍ୟକ୍ରମରେ ସାମିଲ ଲୋକେ ଅଷ୍ଟାଦଶ ପୁରାଣ ଉପରେ ସମ୍ୟକ ଧାରଣା ଏବଂ ଜପ ଓ ଧ୍ୟାନର ଏକ ଅଦ୍ଭୁତ ଅନୁଭୂତି ନେଇପାରିବେ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମ ଆୟୋଜନ ନେଇ ଶ୍ରୀଶ୍ରୀ ଜ୍ଞାନକ୍ଷେତ୍ରରେ ଆୟୋଜନ କମିଟି ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ କରାଯାଇଛି। ଏହି ପବିତ୍ର ଜ୍ଞାନ ଯଜ୍ଞରେ ବହୁ ସଂଖ୍ୟାରେ ପରିବାରମାନେ ଯୋଗଦାନ କରି ବିଭୂକୃପା ଲାଭ କରିପାରିବେ ବୋଲି ଆର୍ଟଅଫ ଲିଭିଙ୍ଗ ପରିବାର ପକ୍ଷରୁ କୁହାଯାଇଛି।

# ପୋଷଣଯୁକ୍ତ ଖାଦ୍ୟ ବଣ୍ଟନ ଉପରେ ଗୁରୁତ୍ୱ




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

**ସମ୍ବଲପୁର,୧୪।୧୦(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ ମଙ୍ଗଳବାର ସ୍ଥାନୀୟ ତପସ୍ୱିନୀ ପେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟଅତିଥିଭବେ ଯୋଗଦେଇ ପୋଷଣ ଅଭିଯାନକୁ ସଫଳ କରିବାରେ ଅଙ୍ଗନୱାଡ଼ି କର୍ମୀଙ୍କ ଭୂମିକାର ପ୍ରଶଂସା କରିଥିଲେ। ଅଙ୍ଗନବାଡ଼ି କର୍ମୀମାନେ ସାମାଜିକ ପରିବର୍ତ୍ତକ ଭାବେ କାର୍ଯ୍ୟ କରି ଜିଲାରୁ କୁପୋଷଣକୁ ଅନେକାଂଶରେ ଦୂରେଇବା ସକ୍ଷମ ହୋଇଛନ୍ତି ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲା ସମାଜ ମଙ୍ଗଳ ଅଧିକାରୀ ସଂଯୁକ୍ତା ସାହୁ ଜିଲାସ୍ତରୀୟ ପୋଷଣ ମାସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ

**ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ**

**କୁପୋଷଣ ଦୂର କରିବାରେ ଅଙ୍ଗନୱାଡ଼ି କର୍ମୀଙ୍କ ଭୂମିକାକୁ ପ୍ରଶଂସା**

ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ଯୋଗଦେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୌର ନାରାୟଣ ପାଣି ପୁଷ୍ଟିହୀନତା ଦୂର ପାଇଁ ସାମାଜିକ ସୁରକ୍ଷାର ଭୂମିକା ସମ୍ପର୍କରେ ଅବଗତ କରିଥିଲେ। ଜିଲା ଅତିରିକ୍ତ ସ୍ୱାସ୍ଥ୍ୟାଧିକାରୀ(ପରିବାର କଲ୍ୟାଣ) ଡା. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମାଜରୁ କୁପୋଷଣ ଦୂରୀକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଶିକ୍ଷାଧିକାରୀ ଉଜାଗର ପ୍ରଧାନ ଶିଶୁ ଓ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ପୁଷ୍ଟିହୀନତା ଦୂର ପାଇଁ ସର୍ବଦା ପୋଷଣଯୁକ୍ତ ଖାଦ୍ୟ ବଣ୍ଟନ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଝୁନୁ ସ୍ୱାଇଁ ସମାଜରୁ କୁପୋଷଣ ଦୂର ପାଇଁ ବିଭିନ୍ନ ଉପାୟ ଉପରେ ଆଲୋକପାତ କରି ଏଦିଗରେ ଅଙ୍ଗନବାଡ଼ି କର୍ମୀ ଓ ଆଶାଦିଦିଙ୍କ ଉତ୍ସର୍ଗୀକୃତ କାର୍ଯ୍ୟର ପ୍ରଶଂସା କରିଥିଲେ। ଏହି ଅବସରରେ ଜିଲାସ୍ତରୀୟ ପୋଷଣ ମାସ ପାଳନ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟରେ ପୂର୍ବରୁ ଆୟୋଜିତ ରଚନା, କୁଇଜ୍ ଓ ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ଆଶାଦିଦି, କିଶୋରୀ, ବାଳିକା, ସୁପରଭାଇଜର ଓ ସିଡିପିଓମାନେ ଉପସ୍ଥିତ ଥିଲେ। ଅଙ୍ଗନୱାଡ଼ି କର୍ମୀ ଓ କିଶୋରୀମାନେ ସାମୂହିକ ଭାବେ ପୋଷଣ ସଚେତନତା ଧର୍ମୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସୁନୀତା ତ୍ରିପାଠୀ ପରିଚାଳନା କରିଥିଲେ। ଜିଲା ସଂଯୋଜକ ଅଭିଳାଷ ରଥଙ୍କ ସହିତ ସମାଜମଙ୍ଗଳ ବିଭାଗର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଜୟନ୍ତୀ ଗରତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଏମ୍‌ସିଏଲ୍‌ର ସବୁଜ ଅଭିଯାନ ୫.୦

**ସମ୍ବଲପୁର,୧୪।୧୦(ବି.ଶଙ୍କର)**

ଏମ୍‌ସିଏଲ୍ ପକ୍ଷରୁ ସବୁଜ ଅଭିଯାନ ୫.୦ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ପିଢ଼ିର ସହଭାଗୀତା ଏବଂ ପରିବେଶଗତ ଦାୟିତ୍ୱ ପାଇଁ ପ୍ରତିବଦ୍ଧ ସକାଶେ ବୁର୍ଲା ଆନନ୍ଦ ବିହାରସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଔଷଧୀୟ ବୃକ୍ଷ ରୋପଣ କରିବା ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା । ଏମ୍‌ସିଏଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ଡିଏଭି ପବ୍ଲିକ ସ୍କୁଲ ପରିସରରେ ୧୦୧ଟି ଔଷଧୀୟ ଚାରା ରୋପଣ ହୋଇଥିଲା । କମ୍ପାନୀ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପି.କେ. ପଟେଲ, ନିର୍ଦ୍ଦେଶକ (ଅର୍ଥ)

**ସାମିଲ ହେଲେ ବିଦ୍ୟାଳୟର ଛାତ୍ରୀଛାତ୍ର**

ଏ.କେ. ବେହୁରା ଏବଂ ନିର୍ଦ୍ଦେଶକ (ଟେକ୍ନିକାଲ ଅପରେଶନ୍ସ/ପ୍ରକଳ୍ପ ଏବଂ ଯୋଜନା) ଏସ.କେ.ଝା ମଧ୍ୟ ଛାତ୍ରୀଛାତ୍ରଙ୍କ ସହିତ ଚାରା ଲଗାଇ ସବୁଜ ସଂକଳ୍ପ ପ୍ରତି ଏମ୍‌ସିଏଲ୍‌ର ପ୍ରତିବଦ୍ଧତା ପ୍ରକାଶ କରିଥିଲେ । ଶିକ୍ଷାନୁଷ୍ଠାନଗୁଡ଼ିକୁ ଏହାର ସିଏସଆର କାର୍ଯ୍ୟକଳାପ ସହିତ ଜଡିତ କରି, କମ୍ପାନୀ କେବଳ ସବୁଜ ଆବରଣ ବୃଦ୍ଧି କରୁନାହିଁ, ବରଂ ଆଗାମୀ ପିଢ଼ିକୁ ଔଷଧୀୟ ଉଦ୍ଭିଦ ଏବଂ ସ୍ଥାୟୀ ଜୀବନ ଶୈଳୀ ସମେତ ପରିବେଶଗତ ମୂଲ୍ୟବୋଧର ଗୁରୁତ୍ୱ ସହିତ ପରିଚିତ କରାଉଛି ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ ।




ସବୁଜ ଅଭିଯାନ ୫.୦ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସରେ ଆଲୋଚନାଚକ୍ର




ଆଲୋଚନା ଚକ୍ରରେ ଅତିଥି ଓ ବକ୍ତାମାନେ ।

**ସମ୍ବଲପୁର,୧୪।୧୦(ବି.ଶଙ୍କର)**

ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସରେ ଏକ ଆଲୋଚନାଚକ୍ର ମଙ୍ଗଳବାର ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ମନୋବିଜ୍ଞାନ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱ କରିଥିଲେ । ଆଧୁନିକ ସମାଜରେ ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଯୁବ ସମାଜ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ । ସମ୍ବଲପୁର ଜିଲା ମୁଖ୍ୟ ଚିକିତ୍ସାଳୟର ନିଶାମୁକ୍ତି କ୍ଲିନିକର ମନୋଚିକିତ୍ସକ ଡାକ୍ତର ସୁନୀତା ମିଶ୍ର ମୁଖ୍ୟ ଆଲୋଚକ ଥିଲେ। ଆଲୋଚିକା ଡାକ୍ତର ମିଶ୍ର ଜରୁରୀ ପରିସ୍ଥିତିରେ ମାନସିକ ସେବାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସେ କହିଥିଲେ, ଗୁରୁତର ରୋଗୀଙ୍କୁ ପାଇଁ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ସମୟରେ ସେମାନଙ୍କୁ ମାନସିକ ସ୍ତରରେ ଦୃଢତା ଆଣିବା ପାଇଁ ଆଶୁ ମାନସିକ ସ୍ୱାସ୍ଥ୍ୟ ସେବାର ଆବଶ୍ୟକତା ରହିଛି । ମାନସିକ ସ୍ୱାସ୍ଥ୍ୟସେବାରୁ କେହି ବଞ୍ଚିତ ନ ହେବା ପାଇଁ ସରକାରୀ ସ୍ତରରେ ବ୍ୟାପକ ପଦକ୍ଷେପ ନିଆଯାଇଛି। ସ୍ନାତକୋତ୍ତର ମନୋବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସମିତା ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫେସର ବେଣୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ । ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ । ବିଭାଗର ଛାତ୍ରୀମାନେ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଏକ ନାଟକ ପ୍ରଦର୍ଶନ କରିଥିଲେ ।



**ମାଛ ଜାଲରେ ପଡ଼ିଲା ୧୦ଫୁଟ୍ ଅଜଗର**

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ):** ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ପଞ୍ଚାୟତର ବିଛନାପାଲି ଗ୍ରାମର ଚାଷ ଜମିରେ ମାଛ ଧରିବା ବିଛାଯାଇଥିବା ଜାଲରେ ୧୦ ଫୁଟ୍ ଲମ୍ବର ଏକ ଅଜଗର ପଡିଥିଲା । ଜାଲଟି ଅଜଗର ମୁଣ୍ଡ ପାଖରେ ଲାଗିଥିବାରୁ କୌଣସି ପଟେ ଯାଇପାରି ନ ଥିଲା । ଗ୍ରାମବାସୀଙ୍କଠାରୁ ଖବର ପାଇ ଖଡ଼ିଆଳ ବନ ବିଭାଗ କର୍ମଚାରୀ ପହଞ୍ଚି ଅଜଗରକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡିଦେଇଥିଲେ । ବନ କର୍ମଚାରୀ ଅଜଗର କିମ୍ବା ଅନ୍ୟ କୌଣସି ସାପ ଦେଖିଲେ ତାହାକୁ ନ ମାରି ଜଣାଇବାକୁ ଲୋକଙ୍କୁ ସଚେତନ କରିଥିଲେ ।

## ସଂକ୍ଷେପରେ

### ନଦୀରେ ଭାସିଯାଇ ମହିଳାଙ୍କ ମୃତ୍ୟୁ

**ଥୁଆମୂଳ ରାମପୁର,୧୪।୧୦ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ଖମାରପଦର ନିକଟ ଇନ୍ଦ୍ରାବତୀ ନଦୀରେ ମଙ୍ଗଳବାର ଜଣେ ମହିଳା ଭାସିଯାଇ ପ୍ରାଣ ହରାଇଛନ୍ତି । ମୃତକ ହେଲେ ଖମାରପଦର ଗ୍ରାମର ନେତ୍ରା ମାଝୀଙ୍କ ସ୍ତ୍ରୀ ରୁକ୍ମଣୀ (୫୦) । ସୂଚନା ମୁତାବକ ଖମାରପଦର ଗ୍ରାମର କେତେଜଣ ମହିଳା ନଦୀରୁ ବାଲି କାଢି ତାକୁ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ । ପୂର୍ବଭଳି ମଙ୍ଗଳବାର ରୁକ୍ମଣୀଙ୍କ ସହ ଅନ୍ୟ ମହିଳାମାନେ ବାଲି କାଢିବାକୁ ଯାଇଥିଲେ । ଏହି ସମୟରେ ଅସାବଧାନତା ବଶତଃ ରୁକ୍ମଣୀ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ । ଖବର ପାଇ ଥୁଆମୂଳ ରାମପୁର ଅଗ୍ନିଶମ ବିଭାଗର ହାବିଲଦାର ବନମାଳୀ ପୂଜାରୀଙ୍କ ନେତୃତ୍ୱରେ ଉଦ୍ଧାରକାରୀ ଦଳ ପହଞ୍ଚି ନଦୀ ଗର୍ଭରୁ ରୁକ୍ମଣୀଙ୍କ ମୃତଦେହ ଜବତ କରିଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୭/୨୫) ରୁଜୁ ହୋଇଛି ।

### ପୂର୍ବତନ ସୈନିକଙ୍କ ବିୟୋଗ

**ଖଡ଼ିଆଳ,୧୪।୧୦ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ରାହ୍ମଣପଡ଼ା ୱାର୍ଡ ନମ୍ବର ୧୨ର ପୂର୍ବତନ ସୈନିକ ମଧୁସୂଦନ ପ୍ରଧାନଙ୍କ ବିୟୋଗ ଘଟିଛି । ତାଙ୍କୁ ୮୭ ବର୍ଷ ହୋଇଥିଲା । ସେ ଭାରତୀୟ ସେନାରେ ୧୯୬୨ରେ ଯୋଗଦେଇ ୧୯୬୫ ଓ ୧୯୭୧ରେ ପାକିସ୍ତାନ ବିରୋଧରେ ହୋଇଥିବା ଯୁଦ୍ଧରେ ଭାଗ ନେଇଥିଲେ । ସେନାରୁ ଅବସର ନେଲା ପରେ ସେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମରେ ଯୋଗଦେଇ ୧୯୯୮ରେ ଅବସର ଗ୍ରହଣ କରିଥିଲେ । ଦେଶ ସେବା ପାଇଁ ଖଡ଼ିଆଳ ମହୋତ୍ସବ ସମିତି ତରଫରୁ ୨୦୧୪ରେ ସେ ସମ୍ମାନିତ ହୋଇଥିଲେ । ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ପୂର୍ବତନ ସୈନିକଙ୍କ ତରଫରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ପୁଷ୍ପାଞ୍ଜଳି ପ୍ରଧାନ, ପୁତ୍ର ପବିତ୍ର ମୋହନ ପ୍ରଧାନ ଉପସ୍ଥିତ ଥିଲେ ।

### ଭିନ୍ନକ୍ଷମ ଶିଶୁଙ୍କ ଅଭିଭାବକ ସମ୍ମିଳନୀ

**କର୍ଲାମୁଣ୍ଡା,୧୪।୧୦ (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ଦୁର୍ଗାମଣ୍ଡପ ପ୍ରାଙ୍ଗଣରେ ଗ୍ରାମୀଣ ସମୃଦ୍ଧି ଗବେଷଣା ପ୍ରତିଷ୍ଠାନ (ରେଆର୍) ତରଫରୁ ମଙ୍ଗଳବାର ଭିନ୍ନକ୍ଷମ ବ୍ୟକ୍ତିଙ୍କ ପୁନଃ ଥଇଥାନ କାର୍ଯ୍ୟକ୍ରମ ଅନ୍ତର୍ଗତ ଭିନ୍ନକ୍ଷମ ଶିଶୁ ଓ ବ୍ୟକ୍ତିଙ୍କ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସାଧନ କର୍ମୀ ପ୍ରଦୀପ କୁମାର ବେହେରା ଯୋଗଦେଇ ଭିନ୍ନକ୍ଷମ ଶିଶୁଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସରକାରୀ ଯୋଜନା ଓ ପ୍ରାପ୍ୟ ବିଷୟରେ ସୂଚନା ଦେଇଥିଲେ । ଏଥିରେ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ଭିନ୍ନକ୍ଷମ ଶିଶୁ ଓ ବ୍ୟକ୍ତିଙ୍କ ଅଭିଭାବକ ଯୋଗଦେଇଥିଲେ । ରେଆର୍ କାଉନସିଲର ମନୋଜ କୁମାର ସ୍ୱାଇଁ ସଭା ପରିଚାଳନା କରିଥିଲେ । ଭୌତିକ ଚିକିତ୍ସକ ଅରୁପ କୁମାର ମେହେର ଭିନ୍ନକ୍ଷମ ଶିଶୁଙ୍କ ଚିହ୍ନଟିକରଣ ଓ ଆଦ୍ୟ ହସ୍ତକ୍ଷେପ ସମ୍ବନ୍ଧରେ ଆଲୋଚନା କରିଥିଲେ । ଶେଷରେ ଅଶୋକ କୁମାର ଝାଙ୍କର ସମସ୍ତଙ୍କୁ ଧନ୍ୟବାଦ ଜଣାଇ ସଭା ସାଙ୍ଗ କରିଥିଲେ ।

# ମଦ ବିରୋଧରେ ଏସ୍‌ପି ଅଫିସ ଘେରାଉ

**୭ଦିନ ଭିତରେ ଦାବି ପୂରଣ ନ ହେଲେ ଭୋଟ ବର୍ଜନ**

**ନୂଆପଡ଼ା,୧୪।୧୦ (ମକାରୁ ବେମାଲ)**



ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି ଗ୍ରାମବାସୀ ।

ନୂଆପଡ଼ା ସଦର ବ୍ଲକ ଆମାନାରା ପଞ୍ଚାୟତ ପାୱାରତୋଳା ଗାଁରେ ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରିକୁ ବିରୋଧ କରି ମଙ୍ଗଳବାର ଗ୍ରାମବାସୀ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ । ୭ଦିନ ଭିତରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର ସହ ଭୋଟ ବର୍ଜନ ପାଇଁ ଚେତାବନୀ ଦେଇଛନ୍ତି । ଏହି ମର୍ମରେ ଗ୍ରାମବାସୀ ଏସ୍‌ପି ଅମୃତପାଲ ସିଂଙ୍କୁ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଗାଁରେ ବେଆଇନ ମଦ କାରବାର ଯୋଗୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ପରିବାର ମଧ୍ୟରେ ଅଶାନ୍ତି ଦେଖାଦେଉଛି । ଏହାକୁ ନେଇ ଗାଁରେ ଗଣ୍ଡଗୋଳ ମଧ୍ୟ ହେଉଛି । ମଦ କୋଠି ବନ୍ଦ ପାଇଁ ବିଭିନ୍ନ ସମୟରେ ପୋଲିସ ଓ ଅବକାରୀ ବିଭାଗକୁ ଲିଖିତ ଭାବରେ ଜଣାଇଥିଲେ । ଏପରି କି ଗାଁର ଶତାଧିକ ମହିଳା ଓ ପୁରୁଷ ଅଗଷ୍ଟ ୨୨ରେ ଧରମବନ୍ଧା ଥାନାକୁ ଯାଇ ମଦ କୋଠି ବନ୍ଦ କରିବା ପାଇଁ ଗୁହାରି କରିଥିଲେ । ହେଲେ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଶେଷରେ ନିରାଶ ହୋଇ ଥାନା ଘେରାଉ କରିଥିଲେ । ମଦକୋଠି ବନ୍ଦ କରି ବ୍ୟବସାୟୀଙ୍କୁ ଧରିବା ବଦଳରେ ପୋଲିସ ଗାଁର ୧୭ ଜଣ ମହିଳା ଓ ପୁରୁଷଙ୍କ ନାମରେ ମିଥ୍ୟା କେସ୍ ରୁଜୁ କରିଛି । ଗ୍ରାମବାସୀଙ୍କୁ ପୋଲିସ ସହଯୋଗ କଲେ ଜିଲାର ପ୍ରତ୍ୟେକ ଗାଁ ନିଶାମୁକ୍ତ ହୋଇପାରନ୍ତା ବୋଲି ଦର୍ଶାଇଛନ୍ତି । ମିଥ୍ୟା ମାମଲା ପ୍ରତ୍ୟାହାର ସହ ଗାଁରେ ମଦ କୋଠି ବନ୍ଦ କରି ବ୍ୟବସାୟୀଙ୍କୁ ଗିରଫ କରାଯାଉ ବୋଲି ଦାବି କରିଛନ୍ତ । ଆଗାମୀ ୭ ଦିନ ଭିତରେ ସମସ୍ତ ଦାବି ପୂରଣ ନ ହେଲେ ଆନ୍ଦୋଳନ ସହ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ବୈଠକ କରି ନିଷ୍ପତ୍ତି ନେଇଥିବା ଜଣାଇଛନ୍ତି ।

## ଉପଜିଲାପାଳଙ୍କ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ

**କର୍ଲାମୁଣ୍ଡା/ରିଷିଡ଼ା,୧୪।୧୦ (ପ୍ରଦୀପ କୁମାର ସାହୁ/ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ରେ ପୂର୍ବତନ ବିଡିଓଙ୍କ ପୁନଃ ନିଯୁକ୍ତି ପ୍ରତିବାଦରେ ଚାଲିଥିବା ଗଣଧାରଣା ମଙ୍ଗଳବାର ଭବାନୀପାଟଣା ଉପଜିଲାପାଳଙ୍କ ହସ୍ତକ୍ଷେପ ପରେ ପ୍ରତ୍ୟାହୃତ ହୋଇଛି । ଜନପ୍ରତିନିଧିଙ୍କ କହିବା ଅନୁସାରେ ପୂର୍ବତନ ବିଡିଓ ସୁଚରିତା ମୁଗ୍ରୀ ୦୨।୧୦।୨୦୨୨ରୁ ୩୧।୦୧।୨୦୨୪ ମଧ୍ୟରେ କର୍ଲାମୁଣ୍ଡା ବ୍ଲକ୍‌ରେ ବିଡିଓ ଭାବେ କାର୍ଯ୍ୟ କରୁଥିବା ସମୟରେ ସାଧାରଣ ଲୋକଙ୍କୁ ହଇରାଣ କରିବା ସହ ଜନପ୍ରତିନିଧିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିଲେ । ତାଙ୍କୁ ପୁଣି ଥରେ ସରକାର ନିଯୁକ୍ତି ଦେଇଥିବାରୁ ଏହାର ପ୍ରତିବାଦରେ ସେମାନେ ସୋମବାର ବ୍ଲକ୍ ଅଫିସ ଗେଟ୍‌ରେ ତାଲା ପକାଇ ଧାରଣା ଦେଇଥିଲେ । ଏଥିରେ ବ୍ଲକ୍ ଅଧ୍ୟକ୍ଷା କୁନି ସାହୁ, ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଆଦିବାସୀ ନେତା ବବ୍ରୁବାହାନ ଭୋଇ ଓ ଇନ୍ଦ୍ରମଣି କହଁରଙ୍କ ସମେତ ସମିତି ସଭ୍ୟାସଭ୍ୟ ସାମିଲ ହୋଇଥିଲେ । ମଙ୍ଗଳବାର ଉପଜିଲାପାଳ ପ୍ରଭାତ ପରିଡ଼ା, କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ କୁମାର ମାଝୀ ପ୍ରମୁଖ ଧାରଣାରତ ଜନପ୍ରତିନିଧିଙ୍କୁ ତହସିଲଦାରଙ୍କ କାର୍ଯ୍ୟାଳୟକୁ ଡାକି ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି । ଅନ୍ୟପଟେ ପୂର୍ବତନ ବିଡିଓ ସୁଚରିତା ମୁଗ୍ରୀ ଯଦି ଏଠି ଯୋଗଦେବେ ଆନ୍ଦୋଳନକୁ ଜୋର୍‌ଦାର କରିବେ ବୋଲି ଜିଲା ପରିଷଦ ସଭ୍ୟ ଚୌଧୁରୀ କହିଛନ୍ତି ।

## ଖଡ଼ିଆଳ ଗବେଷଣା ପ୍ରତିଷ୍ଠାନର ପୁସ୍ତକ ଉନ୍ମୋଚନ ସମାରୋହ

**ଖଡ଼ିଆଳ,୧୪।୧୦(ସୁଜିତ କୁମାର ପ୍ରଧାନ)**


ସମାରୋହରେ ଯୋଗଦେଇଥିବା କବି ଓ କବୟିତ୍ରୀ ।

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଖଡ଼ିଆଳ ଗବେଷଣା ପ୍ରତିଷ୍ଠାନ ଓ ଓଡ଼ିଆ ବିଭାଗ ମିଳିତ ଆନୁକୂଲ୍ୟରେ ପୁସ୍ତକ ଲୋକାର୍ପଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ସଭାପତି ଅଧାପିକା ସଞ୍ଜୀବନୀ ସୁଧା ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଆୟକର କମିଶନର ତଥା ସ୍ତମ୍ଭକାର ଶ୍ରୀକାନ୍ତ ଚଟର୍ଜୀ ମୁଖ୍ୟ ଅତିଥି, ଐତିହାସିକ ଡ. ଫଣିନ୍ଦମ ଦେଓ ମୁଖ୍ୟବକ୍ତା ଓ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ପ୍ରାବନ୍ଧିକ ଓ ସମାଲୋଚକ ଡ. ସୁଶାନ୍ତ କୁମାର ବିଶି ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ଗବେଷଣା ପ୍ରତିଷ୍ଠାନ ଦ୍ୱାରା ପ୍ରକାଶିତ କୋଶଲୀ କବିତା ସଙ୍କଳନ 'କୋଶଲୀ କହଁର' ଅତିଥିମାନଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା । ପଶ୍ଚିମ ଓଡ଼ିଶାର ପ୍ରତିଷ୍ଠିତ ୧୦୧ କବିଙ୍କ କବିତାକୁ ନେଇ ଏହି ପୁସ୍ତକ ସଂକଳିତ । ପରେ କୋଶଲୀ କବି ବ୍ରଜମୋହନ ମେହେରଙ୍କ ପୁସ୍ତକ 'ଚଉତିଶା ରାମାୟଣ' ଲୋକାର୍ପଣ କରାଯାଇଥିଲା । ଦ୍ୱିତୀୟ ଅଧିବେଶନ 'କୋଶଲୀ କବିତା ଆସର-୧'ରେ ଗବେଷଣା ପ୍ରତିଷ୍ଠାନ ସମ୍ପାଦକ ନୀଳିମାରାଣୀ ସାଗର ସଭାପତିତ୍ୱ କରିଥିଲେ । କୋଶଲୀ କବି ସୁଶାନ୍ତ ବାଗ ମୁଖ୍ୟ ଅତିଥି ଓ କୋଶଲୀ ଅନୁବାଦକ ମଧୁସୂଦନ ଦାଶ, ନାଟ୍ୟକାର ଜିତେନ୍ଦ୍ରନାଥ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କବି ଧ୍ରୁବ ଚରଣ ପ୍ରଧାନ ଓ କବୟିତ୍ରୀ ମାନିନୀ ମେହେର କବିତା ସଂଯୋଜନା କରିଥିଲେ । ଏଥିରେ ୨୫ ଜଣ କବି ସ୍ୱରଚିତ କୋଶଲୀ କବିତା ପାଠ କରିଥିଲେ ।

### ଶିବ ଚଣ୍ଡୀ ନାଗ ଦେବତାଙ୍କ ପୂଜା ସମ୍ପନ୍ନ

**ପଲମ, ୧୪।୧୦ (ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଟକର୍ଲା ପଞ୍ଚାୟତ ରାଇଦୁନିପଦର ଗ୍ରାମରେ ମଙ୍ଗଳବାର ଶିବ ଚଣ୍ଡୀ ନାଗ ଦେବତାଙ୍କ ପୂଜା ସମ୍ପନ୍ନ ହୋଇଯାଇଛି । ଏହି ପୂଜା ଆଜକୁ ୨୫ ବର୍ଷ ହେଲା ପାଳନ ହୋଇଆସୁଛି । ଗ୍ରାମର ପ୍ରାୟ ୩୦ ଜଣ ନାଗବାଚା ପିଲା ସାମିଲହୋଇ ପୂଜାକାର୍ଯ୍ୟ କରିଥାନ୍ତି । ଶିକ୍ଷାଗୁରୁ ଦନାର୍ଦ୍ଦନ କୁମୁରା ଶିକ୍ଷା ଦେଇ ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ । ଏହି କାର୍ଯ୍ୟରେ ଖଇରମାଲ ଗ୍ରାମର ନାଗଦେବତା ଗୁରୁ ଗୋବିନ୍ଦ ଧରୁଆ ମଧ୍ୟ ଯୋଗଦାନ ଦେଇଥିଲେ । କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ପାତ୍ର, ସମ୍ପାଦକ ରୂପୀନ୍ଦ୍ର ବରଗାଁ, ସଭ୍ୟ କେଦାର ପାତ୍ର, ରବି ସାହ, ମହେଶ୍ୱର ମାଝୀ ପ୍ରମୁଖ ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କରିଥିଲେ ।

## ପଲମକୁ ବ୍ଲକ ଘୋଷଣା ପାଇଁ ଜିଲାପାଳଙ୍କୁ ଦାବିପତ୍ର



ଜିଲା ପରିଷଦ ଅଧ୍ୟକ୍ଷଙ୍କୁ ଦାବିପତ୍ର ଦିଆଯାଉଛି ।

**ଭବାନୀପାଟଣା,୧୪।୧୦(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ନର୍ଲା ବ୍ଲକର ପଲମକୁ ନୂତନ ବ୍ଲକ ମାନ୍ୟତା ଦେବା ପାଇଁ ମଙ୍ଗଳବାର ସ୍ଥାନୀୟ ୧୩ ପଞ୍ଚାୟତବାସୀ ଜିଲାପାଳ ପାୱାର ସଚିନ ପ୍ରକାଶ ଓ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ସମୟରେ କ୍ରିୟାନୁଷ୍ଠାନ କମିଟି ସଭାପତି ତୁଣ୍ଡଲା ସରପଞ୍ଚ ସରୋଜ ସେଠ, ଉପସଭାପତି ପଲମ ସରପଞ୍ଚ ହେମକିଶୋର ନାଗ, ସମ୍ପାଦକ ଦେବରାଜ ରଣା, ସହ ସମ୍ପାଦକ ରମେଶଚନ୍ଦ୍ର ମାଝୀ ଓ ସୁଶାନୁ ପରିଡା, କୋଷାଧ୍ୟକ୍ଷ ଈଶ୍ୱରଚନ୍ଦ୍ର ମାଝୀ, ବେଣୁଧର ମାଝୀଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ୧୯୯୨ ମସିହାରୁ ପଲମକୁ ନୂତନ ବ୍ଲକ ଗଠନ ପାଇଁ ଦାବି ହୋଇଆସୁଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଏ ନେଇ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ । ତେଣୁ ପଲମକୁ ନୂତନ ବ୍ଲକ ମାନ୍ୟତା ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ବକ୍ତାମାନେ ।

**ଭବାନୀପାଟଣା,୧୪।୧୦(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ ମଙ୍ଗଳବାର 'ଫ୍ରମ ଡାଟା ଟୁ ଡିସିଜନ- ଆନାଲିଟିକ୍ସ ଫର୍ ମେଟରନାଲ ଆଣ୍ଡ ଚାଇଲ୍ଡ ୱେଲ ବିଙ୍ଗ' ଶୀର୍ଷକରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଅଧ୍ୟକ୍ଷତା କରି ଅନ୍ୱେଷାର ଇତିହାସ ସମ୍ପର୍କରେ ବର୍ଣ୍ଣନା କରିଥିଲେ । କିଟ୍ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ଇଞ୍ଜିନିୟରିଂ ବିଭାଗ ସହକାରୀ ପ୍ରଫେସର ଡ. ଶୁଭଶ୍ରୀ ଦର୍ଶନ ବକ୍ତା ରୂପେ ଯୋଗଦେଇ ବିଷୟ ଆଧାରିତ ସ୍ୱାସ୍ଥ୍ୟସେବା ସୂଚନା ବିଜ୍ଞାନ, କ୍ଲିନିକାଲ ଟେକ୍ସଟ ମାଇନିଂ, ପରିବେଶଗତ ଡାଟା ମଡେଲିଂ ଓ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କରେ ବିଶ୍ଳେଷଣ କରିଥିଲେ । ନାରୀ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ଉନ୍ନତି ପାଇଁ ତଥ୍ୟଗତ ବିଜ୍ଞାନକୁ କିପରି ଉପଯୋଗ କରାଯାଇପାରିବ ସେ ସମ୍ପର୍କରେ ତାତ୍ତ୍ୱିକ ଆଲୋଚନା କରିଥିଲେ । କମ୍ପ୍ୟୁଟର ବିଜ୍ଞାନ ବିଭାଗ ମୁଖ୍ୟ ନକୁଳ ଚରଣ ମାଝୀ ବିଷୟ ସମ୍ପର୍କିତ ଅଭିଭାଷଣ ପ୍ରଦାନ କରିଥିଲେ । କମ୍ପ୍ୟୁଟର ବିଜ୍ଞାନ ବିଭାଗ ଅଧ୍ୟାପିକା ନେହା ରଥ ଓ ପୂଜାଶ୍ରୀ ପାତ୍ର କାର୍ଯ୍ୟକ୍ରମ ସଫଳ କରିବାରେ ପ୍ରମୁଖ ଭୂମିକା ନେଇଥିଲେ । ପ୍ରଥମବର୍ଷ ଛାତ୍ରୀ କୁଙ୍କୁମ ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଥମବର୍ଷ ଛାତ୍ର ଶୁଭମଶ୍ରୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

**ଭବାନୀପାଟଣା,୧୪।୧୦(ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ କଳାହାଣ୍ଡି ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଚଳିତ ବର୍ଷର ୮ମ ଜିଲାସ୍ତରୀୟ ଜାତୀୟ ପୋଷଣ ମାସ ପାଳିତ ହୋଇଯାଇଛି । ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ । ଏହି ସମୟରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ମୁଜିବୁନ ନିଶା, ଜିଲା ମିଲେଟ ମିଶନର ଜିଲା ପ୍ରକଳ୍ପ ସଂଯୋଜକ ଅକ୍ଷୟ ପାତ୍ର, ଆର୍‌ବିଏସ୍‌କେ ମ୍ୟାନେଜର କୃଷ୍ଣଚନ୍ଦ୍ର ପ୍ରଧାନ, ମିଶନ ଶକ୍ତି ଜିଲା କାର୍ଯ୍ୟକ୍ରମ ସଂଯୋଜିକା ସୁମନ ଦ୍ୱିବେଦୀ, ଓଡିଶା ଜୀବିକା ମିଶନ ଜିଲା କାର୍ଯ୍ୟକ୍ରମ ସଂଯୋଜକ ଡ. ଚନ୍ଦନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଭବାନୀପାଟଣା ସହରାଞ୍ଚଳର ଅଙ୍ଗନୱାଡି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ସ୍ଥଳୀକୁ ଅତିରିକ୍ତ ଜିଲାପାଳ ଦରୱାନ ବୁଲି ଦେଖିଥିଲେ । ଅୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପ୍ରୋଗ୍ରାମ ଅଫିସର ନମିତାରାଣୀ ପଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜସ୍ୱ ସେବା ଶିବିର: ୨୪୧ ଜଣଙ୍କୁ ପଟ୍ଟା ବଣ୍ଟନ

**କୋକସରା,୧୪।୧୦ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର କୋକସରା ବ୍ଲକ ସଭା ଗୃହଠାରେ ରାଜସ୍ୱ ସେବା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବସୁନ୍ଧରା ଯୋଜନାରେ ୨୦୫ ଜଣ ହିତାଧିକାରୀ, ୧୧ ଗୋଟି ଶିକ୍ଷାନୁଷ୍ଠାନ ସମେତ ଜଙ୍ଗଲ ସୁରକ୍ଷା ଅଧିନିୟମ ବଳରେ ୨୫ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରିଛନ୍ତି । ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ହିମାଞ୍ଚଳ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଦୀର୍ଘ ବର୍ଷରୁ ଆବେଦନ କରିବା ପରେ ଜମିପଟ୍ଟା ପାଇଥିବାରୁ ହିତାଧିକାରୀ ଖୁସି ବ୍ୟକ୍ତ କରିଥିଲେ । ଶିବିରକୁ ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା ପରିଚାଳନା କରିଥିବାବେଳେ ବରିଷ୍ଠ ରାଜସ୍ୱ ସହାୟକ ରାଜିନ ନାଏକ, ପ୍ରମୋଦ କୁମାର ମାଝୀ, କନିଷ୍ଠ ରାଜସ୍ୱ ସହାୟକ ଦର୍ଶନ କୁମାର ଭୋଇପ୍ରମୁଖ ଉପସ୍ଥିତ ଥିଲେ ।

## ଡିଫାଇନ କଳାହାଣ୍ଡି ଖେଳ ବିଗାଡ଼ିବା ଚର୍ଚ୍ଚା

**ନୂଆପଡ଼ା,୧୪।୧୦ (ମକାରୁ ବେମାଲ):** ଡିଫାଇନ କଳାହାଣ୍ଡି ନୂଆପଡ଼ା ଉପନିର୍ବାଚନରେ ଖେଳ ବିଗାଡିବା ଚର୍ଚ୍ଚା ହେଉଛି । ଉପନିର୍ବାଚନ ପାଇଁ ପ୍ରମୁଖ ଦଳ ଭାବରେ କେବଳ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଛି । ଏପରି ସମୟରେ ଡିଫାଇନ କଳାହାଣ୍ଡି ଉପନିର୍ବାଚନରେ ପ୍ରାର୍ଥୀ ଦେବା ଆଶଙ୍କା ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଯେ,୯୦ ଦଶକରେ ଡିଫାଇନ କଳାହାଣ୍ଡି ସଂସ୍ଥାପକ ମଧୁ ମହାନ୍ତି ଭବାନୀପାଟଣାରେ କଳାହାଣ୍ଡି ମୁକ୍ତି ମୋର୍ଚ୍ଚା ଗଠନ କରି କଳାହାଣ୍ଡି ରାଜନୀତିରେ ହଇଚଇ ସୃଷ୍ଟି କରିଥିଲେ । ବର୍ତ୍ତମାନ ସେ ଡିଫାଇନ କଳାହାଣ୍ଡି ଜରିଆରେ କଳାହାଣ୍ଡି ଓ ନୂଆପଡ଼ାରେ ସକ୍ରିୟ ରହିଛନ୍ତି । ଉପନିର୍ବାଚନକୁ ଦୃଷ୍ଟିରେ ରଖି ଏହାର କର୍ମକର୍ତ୍ତା ନୂଆପଡାରେ ସଂଗଠନ ମଜବୁତ କରିବା ପାଇଁ ଗାଁକୁ ଗାଁ ବୁଲୁଛନ୍ତି । ଖୁବ୍‌ଶୀଘ୍ର ମହାନ୍ତି ଏକ ସମାବେଶ କରିବେ ବୋଲି ଜଣାପଡିଛି ।

## ବିଜେଡି ନିଜ ପ୍ରାର୍ଥୀଙ୍କୁ ବିକ୍ରୟକରି ଅକର୍ମଣ୍ୟ ହୋଇଯାଇଛି: ଭକ୍ତ



କଂଗ୍ରେସର ମିଶ୍ରଣପର୍ବରେ ଯୋଗଦେଇଥିବା ଅତିଥିମାନେ ।

**ନୂଆପଡ଼ା,୧୪।୧୦ (ମକାରୁ ବେମାଲ)**

ବିଜେଡି ନିଜ ପ୍ରାର୍ଥୀଙ୍କୁ ବିକ୍ରୟ କରି ଅକର୍ମଣ୍ୟ ହୋଇଯାଇଛି । ମଙ୍ଗଳବାର କୋମନା ବ୍ଲକ ଲଖନା ଖେଳ ପଡିଆଠାରେ କଂଗ୍ରେସ ପକ୍ଷରୁ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇ ପିସିସି ସଭାପତି ଭକ୍ତଚରଣ ଦାସ ଏହା କହିଛନ୍ତି । ସେ ଆହୁରି କହିଛନ୍ତି, ନୂଆପଡ଼ା ଉପନିର୍ବାଚନ ପାଇଁ ବିଜେଡି ଓ ଭାଜପାରେ ପ୍ରାର୍ଥୀ ଚୟନ ବିଳମ୍ବ ହେଉଥିବା ବେଳେ କଂଗ୍ରେସ ନିର୍ବାଚନୀ ମଇଦାନକୁ ଓହ୍ଲାଇ ପ୍ରଚାର କାର୍ଯ୍ୟ ଆରମ୍ଭ କରିଦେଇଛି । ଭାଜପାର ଜୟ ଢୋଲକିଆଙ୍କ ନାମ ଏକପ୍ରକାର ଚୂଡାନ୍ତ ହୋଇଥିବା ବେଳେ ଘୋଷଣା ନ କରି ମାନସ ମନ୍ଥନ କରୁଛି । ପ୍ରାର୍ଥୀ ଚୟନରେ ଅସମର୍ଥ ଥିବାରୁ ଉଭୟ ଦଳର କର୍ମୀ କଂଗ୍ରେସ ସପକ୍ଷରେ ଆସୁଛନ୍ତି । ପ୍ରତିଦିନ ଶତାଧିକ କର୍ମୀ ଯୋଗଦେଉଥିବାରୁ କଂଗ୍ରେସର ସ୍ଥିତି ସୁଦୃଢ଼ ହେବାରେ ଲାଗିଛି । ଚଳିତ ଉପ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝି ବହୁମତରେ ବିଜୟୀ ହେବେ ବୋଲି ଭକ୍ତ କହିଛନ୍ତି । ମିଶ୍ରଣ ପର୍ବରେ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ କଂଗ୍ରେସରେ ଯୋଗ ଦେଇଛନ୍ତି । ଏହା ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ, ସରପଞ୍ଚ, ପୂର୍ବତନ ସରପଞ୍ଚ, ଅନ୍ୟ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ରହିଛନ୍ତି । କାର୍ଯ୍ୟକ୍ରମରେ ଜାତୀୟ କଂଗ୍ରେସ ମୁଖପାତ୍ର ହମିତ ହୁସେନ, ନୂଆପଡ଼ା ଜିଲା ପର୍ଯ୍ୟବେକ୍ଷକ ମୁରଲୀଧର ନାୟକ, ଗରିବସେନା ଆବାହକ ରବି ମଙ୍ଗରାଜ, ଜିଲା ପରିଷଦ ସଭ୍ୟ ଭରତ ଲାଲ ରାଉତ, ଅଙ୍କିତ ସିଂଘାଇ, ଯୁବ କଂଗ୍ରେସ ରାଜ୍ୟ ସମ୍ପାଦକ ଶାହରୁଖ ଖାନ, ଯୁବ କଂଗ୍ରେସ ଜିଲା ସଭାପତି ଅମିତ କୁମାର ଅହିର, ଖଡିଆଳ ବିଧାୟକ ପ୍ରାର୍ଥୀ କମଳ ଚରଣ ତାଣ୍ଡି, ଈଶାକ ମହମ୍ମଦ, ଭକ୍ତରାମ ଶବର, କୈଳାସ ଚନ୍ଦ୍ର ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେଡି ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ଘେରାଉ

**ଥୁଆମୂଳ ରାମପୁର,୧୪।୧୦(ଦୁର୍ଗା କୀର୍ତ୍ତି)**


ପ୍ରତିବାଦ ସଭାରେ ଯୋଗଦେଇଥିବା ଦଳୀୟ କର୍ମକର୍ତ୍ତା ।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ବିଜେଡି ପକ୍ଷରୁ ୧୫ ଦଫା ଦାବି ନେଇ ମଙ୍ଗଳବାର ଜନସମ୍ପର୍କ ପଦଯାତ୍ରାରେ ବାହାରି ବ୍ଲକ ଅଫିସ ଘେରାଉ କରାଯାଇଥିଲା । ପରେ ସେଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ବିଧାୟକ ତଥା ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ, ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ଆଦିବାସୀ ନେତା ପରମାନନ୍ଦ ମାଝୀ, ବଦ୍ରି ନାରାୟଣ ପଟ୍ଟନାୟକ, ତ୍ରିଲୋଚନ ପାଣିଗ୍ରାହୀ, ଧର୍ମେନ୍ଦ୍ର ନାଏକ, ଭବାନୀପାଟଣା ଟାଉନ ବିଜେଡି ଯୁବ ସଭାପତି ପୀତବାସ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ବିଜେଡି ବ୍ଲକ ସଭାପତି କପିଳାସ ନାଏକ ସଭା ପରିଚାଳନା କରିଥିଲେ । ବ୍ଲକ କର୍ମକର୍ତ୍ତାଙ୍କ ମଧ୍ୟରେ ବିଧାୟକ ବ୍ଲକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତଥା ବିଜେଡି ନେତା ଗୋବିନ୍ଦ ପ୍ରଧାନୀ, ସମ୍ପାଦକ କୃଷ୍ଣଚନ୍ଦ୍ର ନାଏକ, କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ପରିଚ୍ଛା, ଫଟୋ ସିଂ ଭୋଇ, ଯୁବ ସଭାପତି ପ୍ରଦୀପ କୁମାର ନାଏକ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ମାଝୀ, ସ୍ଥାନୀୟ ସମିତି ସଭ୍ୟା ପୁଷ୍ପାଞ୍ଜଳି ନାଏକ, ସରପଞ୍ଚ ସଂଘ ସଭାପତି ବଳଭଦ୍ର ଜାନୀ ଉପସ୍ଥିତ ଥିଲେ । ବିଡ଼ିଓ ଧ୍ରୁବଚରଣ ମୁଦୁଲିଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୫ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା । ପ୍ରମୁଖ ଦାବି ମଧ୍ୟରେ ନିର୍ବାଚିତ ଜନପ୍ରତିନିଧିଙ୍କୁ ଅଣଦେଖା କରିବା ବନ୍ଦ କରିବା, ଶ୍ରମିକଙ୍କୁ କାମଧନ୍ଦା ଯୋଗାଇ ଦେବା, ଲଘୁଚାପ ବର୍ଷାରେ କ୍ଷତିଗ୍ରସ୍ତ ହିତାଧିକାରୀଙ୍କୁ ଗୃହ ଯୋଗାଇଦେବା, ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା, ବାଦ ପଡିଥିବା ସମସ୍ତ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ, ୩୦୦ ୟୁନିଟ ବିଜୁଳି ମାଗଣାରେ ଯୋଗାଇଦେବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୩୦୦ ଦିନର କାମ ଯୋଗାଇଦେବା ଆଦି ଅନ୍ୟତମ । ତୁରନ୍ତ ଏହିସବୁ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି କର୍ମକର୍ତ୍ତା ଚେତାବନୀ ଦେଇଥିଲେ ।

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

## ସଂକ୍ଷେପରେ

### ବଳାତ୍କାରୀଙ୍କୁ ଆଜୀବନ କାରାଦଣ୍ଡାଦେଶ

**ପଦ୍ମପୁର,୧୪।୧୦(ପ୍ରଦୀପ୍ତ ଦାଶ):** ଏକ ବଳାତ୍କାର ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ପଦ୍ମପୁର ଅତିରିକ୍ତ ଜିଲା ସେଶନ ବିଚାରପତି ସୂର୍ଯ୍ୟନାରାୟଣ ଦ୍ୱିବେଦୀ ବଳାତ୍କାରୀଙ୍କୁ ଆଜବୀନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୨୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ହେଲେ ଅଧିକ ୭ ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଦେବାପାଇଁ ବିଚାରପତି ଦ୍ୱିବେଦୀ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ପାଇକାମାଳା ଥାନା ଅଞ୍ଚଳର ତିହାରୁ ଭୁଏ। ପ୍ରକାଶ ଯେ, ୨୯ ଜୁଲାଇ ୨୦୨୨ରେ ପାଇକମାଳ ଥାନା ଅଞ୍ଚଳରେ ଦିବ୍ୟାଙ୍ଗ ପୀଡ଼ିତା ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଜଣକ ତାଙ୍କୁ ବାଳାତ୍କାର କରିଥିଲେ। ଏ ନେଇ ପୀଡିତାଙ୍କ ପରିବାର ଲୋକେ ପାଇକମାଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ (ନଂ. ୧୬୫/୨୨) ମାମଲା ରୁଜୁ କରି ଅଭିଯୁକ୍ତ ତିହାରୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୨ ଜଣ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଅତିରିକ୍ତ ଜିଲା ସେଶନ ବିଚାରପତି ଦ୍ୱିବେଦୀ ଉପରୋକ୍ତ ରାୟ ଶୁଣାଇଛନ୍ତି। ଉକ୍ତ ମାମଲାକୁ ଜିଲା ଡେପୁଟି ଡାଇରେକ୍ଟର ବେଣୁଧର ପ୍ରଧାନ ତଦାରଖ କରୁଥିବା ବେଳେ ପବ୍ଲିକ ପ୍ରସିକ୍ୟୁଟର ହରେଶ ସୁନାନୀ ପରିଚାଳନା କରିଥିଲେ।

### ତୀରନ୍ଦାଜ ପ୍ରତିଯୋଗିତାରେ ଭଉଣୀଭାଇଙ୍କ ସଫଳତା

ବୌଦ୍ଧ,୧୪।୧୦(ଅଜିତ କୁମାର ବାରିକ) ରାଜ୍ୟ ତୀରନ୍ଦାଜ ସଂଘ ତରଫରୁ ଭୁବନେଶ୍ୱରରେ ଗତ ୧୨ ତାରିଖରୁ ଚାଲିଥିବା ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାରେ ବୌଦ୍ଧର ଭଉଣୀଭାଇ ସଫଳତା ଆଣିଛନ୍ତି। ବୌଦ୍ଧ ବୁଟୁପାଲିର ଟେଁଶିଶା ମେହେର ସବ୍‌ଜୁନିୟର ରିକର୍ଭ ରାଉଣ୍ଡରେ ତୃତୀୟ ସ୍ଥାନ ଅଧିକାରୀ କରିଥିବା ବେଳେ ସାନଭାଇ ଦୁର୍ଗାଦତ୍ତ ମେହେର ସବ୍‌ଜୁନିୟର ଇଣ୍ଡିଆନ ରାଉଣ୍ଡରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଆସନ୍ତା ୨୨ରୁ ୩୦ ତାରିଖ ପର୍ଯ୍ୟନ୍ତ ଅରୁଣାଚଳ ପ୍ରଦେଶର ଇଟାନଗରରେ ହେବାକୁ ଥିବା ଜାତୀୟସ୍ତର ତୀରନ୍ଦାଜ ପ୍ରତିଯୋଗିରେ ଭାଗ ନେବା ପାଇଁ ଉଭୟ ମନୋନୀତ ହୋଇଛନ୍ତି। ବର୍ତ୍ତମାନ ଟେଁଶିଶା ରାଜ୍ୟ ସରକାରଙ୍କ କ୍ରୀଡ଼ା ଛାତ୍ରାବାସ ସୁନ୍ଦରଗଡ ଓ ଦୁର୍ଗାଦତ୍ତ ଧରଣୀଧର କ୍ରୀଡ଼ା ଛାତ୍ରାବାସ କେନ୍ଦୁଝରଠାରେ ରହି ତୀରନ୍ଦାଜ ପ୍ରଶିକ୍ଷଣ ନେଉଛନ୍ତି। ପୂର୍ବରୁ ଉଭୟ ଖେଳାଳି ବୌଦ୍ଧ ଜିଲା ତୀରନ୍ଦାଜ ସଂଘ ପକ୍ଷରୁ ପ୍ରଶିକ୍ଷଣ ନେଇ ବହୁବାର ଜିଲାକୁ ଗର୍ବିତ କରିଛନ୍ତି।



ତୀରନ୍ଦାଜ ଖେଳାଳି।

# ରାସ୍ତାରେ ଯୁବକଙ୍କୁ ହତ୍ୟା

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

ବରଗଡ଼,୧୪।୧୦(ପ୍ରେମାନନ୍ଦ ଖମାରୀ)



ହତ୍ୟାକାଣ୍ଡ ଅଭିଯୁକ୍ତଙ୍କ ଗିରଫ ଦାବିରେ ରାସ୍ତା ଅବରୋଧ।

ବରଗଡ଼ ସହର ଉପକଣ୍ଠ ପାଣିଛତର-ଜମୁର୍ଡା ରାସ୍ତାରେ ସୋମବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ସେ ହେଲେ ଜମୁର୍ଡା ଟାଙ୍ଗରଫଡାର ଭୀମସେନ ବିଶ୍ୱାଳ(୨୭)। ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ଅନ୍ୟପଟେ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ସେଠାରୁ ହଟାଇ ଦେଇଥିଲା। ଏହି ହତ୍ୟାକାଣ୍ଡକୁ ନେଇ ଏବେ ମଧ୍ୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଥିବାବେଳେ ଜିଲାରେ ୩ଦିନ ମଧ୍ୟରେ ୨ ହତ୍ୟାକାଣ୍ଡ ଆଇନ ଶୃଙ୍ଖଳା ପରିସ୍ଥିତିକୁ ପଦାରେ ପକାଇ ଦେଇଛି। ଜିଲାରେ ଚାଲିଥିବା କଫ୍‌ସିରପ ଆଦି ନିଶା କାରବାରରୁ ଏଭଳି ଅପରାଧ ବଢି ଚାଲିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଜମୁର୍ଡା ଟାଙ୍ଗରପଡାର ଫିରତୁ ବିଶ୍ୱାଳଙ୍କ ପୁଅ ଭୀମସେନଙ୍କ ଗତ ପ୍ରାୟ ୨ବର୍ଷ ହେଲା ମାନସିକ ସ୍ଥିତି ଠିକ୍ ନ ଥିଲା। ଏହାସତ୍ତ୍ୱେ ସେ ଶାନ୍ତ ସ୍ୱଭାବର ଥିଲେ। ଅଧିକାଂଶ ଦିନ ସେ ରାତ୍ରିଭୋଜନ ସାରି ଘରୁ ବାହାରିଥାନ୍ତି ଏବଂ କିଛି ସମୟ ପରେ ଘରକୁ ଫେରି ଆସିଥାନ୍ତି ବୋଲି ମୃତକଙ୍କ ବାପା ଫିରତୁ କହିଛନ୍ତି। କିନ୍ତୁ ସୋମବାର ରାତି ପ୍ରାୟ ୯ଟାରେ ରାତ୍ରିଭୋଜନ ସାରି ଘରୁ ବାହାରିଥିଲେ, ମାତ୍ର ଆଉ ଫେରି ନ ଥିଲେ। ମଙ୍ଗଳବାର ସକାଳୁ ଭୀମସେନଙ୍କ ମୃତଦେହ ପାଣିଛତର-ଜମୁର୍ଡା ରାସ୍ତାର ଫୋରଲେନ ଓଭର ବ୍ରିଜ ତଳେ ପଡ଼ିଥିବା ଦେଖିବାକୁ ପାଇଥିଲେ ବୋଲି ଫିରତୁ କହିଛନ୍ତି ।

ଖବର ପାଇ ଘଟଣାସ୍ଥଳକୁ ପୋଲିସ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିଲା। ସାଇଣ୍ଟିଫିକ ଟିମ ଏବଂ ଅନୁସନ୍ଧାନୀ କୁକୁର ନେଇ ପୋଲିସ ତଦନ୍ତ ଆରମ୍ଭ ସହିତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାକୁ ପଠାଇଥିଲା।

ଅନ୍ୟପକ୍ଷରେ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ ସହିତ ନ୍ୟାୟ ଦାବିରେ ମୃତକଙ୍କ ପଡ଼ାବାସୀ ଘଟଣାସ୍ଥଳରେ ପହଞ୍ଚି ଥିଲେ ଏବଂ ଓଭରବ୍ରିଜ ଉପରକୁ ଯାଇ ରାସ୍ତା ଅବରୋଧ କରିଥିଲେ। ବରଗଡ଼ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀ ଏବଂ ପୋଲିସ ଅଧିକାରୀ ଆନ୍ଦୋଳନସ୍ଥଳରେ ପହଞ୍ଚି ଥିଲେ।

# ୬ ଦୁର୍ବୃତ୍ତ ଗିରଫ, ମାରଣାସ୍ତ୍ର ଜବତ

ଘଣ୍ଟାପଡ଼ା, ୧୪।୧୦
(ପ୍ରଭାତ କୁମାର ସାହୁ/ମକରନ୍ଦ ସାହୁ)

## ଡକାୟତି ଯୋଜନା ବେଳେ ପୋଲିସ ଚଢାଉ

ବୌଦ୍ଧ ଜିଲା ଘଣ୍ଟାପଡ଼ା ଥାନା ଅଧୀନ ସୂର୍ବାଭଟ୍ଟା ନିକଟରେ ସୋମବାର ରାତିରେ ଡକାୟତି ଯୋଜନା କରୁଥିବାବେଳେ ପୋଲିସ ଚଢାଉ କରି ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଲାଙ୍ଗୀର ଜିଲା ତୁଷୁରା ଥାନା କୁନ୍ଦେଇମାଲର ରାଧେଶ୍ୟାମ ନାଗ(୨୬), ବରହାକୁନା ଗ୍ରାମର ଯଶୋବନ୍ତ ଛତ୍ରିଆ(୨୫), ପୁଇଁନ୍ତଲା ଥାନା କଷାବାହାଲ ଗ୍ରାମର ସୁନିଲ ଷାଣ୍ଡ(୨୨), ସୁବର୍ଣ୍ଣପୁର ଜିଲା ତରଭା ଥାନା ଚାରନିଆପାଲି ଗ୍ରାମର କୃଷ୍ଣ ସରଭଙ୍ଗ(୨୪), ଭୁକ୍ତା ଥାନା ଝିଲିମୁଣ୍ଡା ଗ୍ରାମର ଅର୍ଜୁନ ଷାଣ୍ଡ(୨୮) ଏବଂ ଘଣ୍ଟାପଡ଼ା ଥାନା ଗୁଡ଼ମେଣ୍ଡା ଗ୍ରାମର ସିଦ୍ଧେଶ୍ୱର ଭୋଇ(୨୮)। ସେମାନଙ୍କଠାରୁ ୩ଟି ଭୁଜାଲି, ଗୋଟିଏ ଲୁହାରଡ୍, ୫ଟି ମୋବାଇଲ ଓ ୫ଟି ବାଇକ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଘଣ୍ଟାପଡା ଥାନାରେ ଏକ ମାମଲା (ନଂ.୧୩୯/୨୫) ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ ମାଧବ ଚନ୍ଦ୍ର ଟାକ୍ରି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସୋମବାର ରାତି ୧୦ଟାରେ ସୂର୍ବାଭଟ୍ଟା ନିକଟ ଏକ ଅନ୍ଧାରୁଆ ସ୍ଥାନରେ କିଛି ଦୁର୍ବୃତ୍ତ ଏକାଠି ହୋଇ ଡକାୟତି ଯୋଜନା କରୁଥିଲେ। ଏହି ସମୟରେ ସେହି ବାଟ ଦେଇ ପାଟ୍ରୋଲିଂ କରୁଥିବା ପୋଲିସର ସନ୍ଦେହ ହେବାରୁ ସେଠାରେ ଚଢାଉ କରି ୬ଜଣଙ୍କୁ କାବୁ କରିଥିଲା। କିଛି ଦୁର୍ବୃତ୍ତ ଖସି ପଳାଇଥିବା ଜଣାପଡିଛି।



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ ଏବଂ ଜବତ ମାରଣାସ୍ତ୍ର।

# ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ



ପୋଷଣ ମାସ ପାଳନ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟମାନେ।

ବୌଦ୍ଧ,୧୪।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାସ୍ତରୀୟ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ପାଳିତ ହୋଇଛି। ଏଥିରେ ଜିଲାପାଳ ବିଭୁତି ଭୂଷଣ ନାୟକ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଉପଜିଲାପାଳ ବିନୟ କୁମାର ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦାସକାଠିଆ ମାଧମରେ ପୋଷଣ ମାସ ଉପରେ ସଚେତନ କରାଯାଇଥିଲା। ଶିଶୁ ବିକାଶ ପ୍ରକଳ୍ପ ଜରିଆରେ ପୁଷ୍ଟିକର ଖାଦ୍ୟ ଷ୍ଟଲ ଖୋଲାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ରୀନା ମହାନ୍ତି, ଅତିରିକ୍ତ ଉଦ୍ୟାନ ଅଧିକାରୀ ପୂଜା ବାରିକ, ଉପଖଣ୍ଡ କାର୍ଯ୍ୟକ୍ରମ ଅଧିକାରୀ ଗୀତାଞ୍ଜଳି ଦଲାଲ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ। ଜିଲାପାଳ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ସୁରଭିରେ ଭାଗନେଲେ ୧୨୦ ଛାତ୍ରୀଛାତ୍ର

ବାଉଁଶୁଣୀ, ୧୪।୧୦(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ଅଧୀନ ବହିରା କ୍ଲଷ୍ଟରର ସୁରଭି-୨୦୨୫ କାର୍ଯ୍ୟକ୍ରମ ପୁରୁଣାବହିରା ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ତୋଷଣ ମହାକୁଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ବହିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣ୍ଡରାମ ସାହୁ, ହାଇସ୍କୁଲ ଶିକ୍ଷକ ଦେଶବନ୍ଧୁ ମହାକୁଳ, କୃଷ୍ଣଚନ୍ଦ୍ର ମିଶ୍ର, ପ୍ରଧାନଶିକ୍ଷକ ଶାନ୍ତନୁ ମିର୍ଦ୍ଧା, ପ୍ରକାଶ ମେହେର, ଶିରୀଶ ଗାଇଗୋରିଆ, ଲିଙ୍ଗରାଜ ମହାକୁଳ, ପ୍ରମୋଦ ପୁରୋହିତ, ଲାଳମଣି ଖଟୁଆ, ପ୍ରଦୀପ ମଲ୍ଲିକ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ହିମାଂଶୁ ଶେଖର ବିଶି, ବିଶ୍ୱମୋହନ ନାୟକ, ମର୍ଦ୍ଦରାଜ କର୍ମୀ, ବୀରମିତ୍ର ପୁରୋହିତ, କ୍ଷୀରୋଦ ବେହେରା, ବାବୁଲା ବଘାର, ବବିତା ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ ବହିରା କ୍ଲଷ୍ଟର ଅନ୍ତର୍ଗତ ୧୨ଟି ବିଦ୍ୟାଳୟରୁ ୧୨୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

# ମାନସିକ ସ୍ୱାସ୍ଥ୍ୟର ଉପାଦେୟତାକୁ ଗୁରୁତ୍ୱ

ବରଗଡ଼,୧୪।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଜିଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଶନିବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ରଞ୍ଜିତା ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାଧାପିକା ମଧୁସ୍ମିତା ନନ୍ଦ ସ୍ୱାଗତ ଭାଷଣ ଦେଇ ସଭାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସମ୍ପାଦକ ବିଭୂତି ଭୂଷଣ ନାୟକ ଛାତ୍ରୀମାନଙ୍କୁ ଉତ୍ତମ ମାନସିକ ସ୍ୱାସ୍ଥ୍ୟର ଉପାଦେୟତା ସମ୍ପର୍କରେ ବୁଝାଇବା ସହିତ ମୋବାଇଲର ଅତ୍ୟଧିକ ବ୍ୟବହାରଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ। ଜିଲା ଆଇନ ସହାୟତା ସୁରକ୍ଷା ପରାମର୍ଶଦାତା ଅପ୍ରମିତ ମିଶ୍ର ଏବଂ ଜିଲା ଆଇନ ସେବା ପ୍ରାଧିକରଣର ପ୍ୟାନେଲ ଆଡ୍‌ଭୋକେଟ ବିମଳ କୁମାର ଦାଶ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ମାନସିକ ରୋଗର ଉପଚାର ଓ ଏହି ବିଷୟରେ ସଚେତନତା ବିଷୟରେ ଆଲୋଚନା କରିଥିଲେ। ଏହି ସଭାରେ ମହାବିଦ୍ୟାଳୟର ଅନେକ ଛାତ୍ରୀ, କର୍ମଚାରୀଙ୍କ ସମେତ ଅଧ୍ୟାପିକା ଚୂଳମୁକ୍ତା ପ୍ରଧାନ, ଅଙ୍କିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଧାପିକା ଅର୍ପିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସଂକୀର୍ତ୍ତନ ସଂସ୍କୃତି ଜାଗରଣ, ଭକ୍ତି ବର୍ଷଣ ମହୋତ୍ସବ

ବରଗଡ଼/ଝାରବନ୍ଧ,୧୪।୧୦
(ପ୍ରେମାନନ୍ଦ ଖମାରୀ/ଦେବେନ୍ଦ୍ର ସାହୁ)

ବରଗଡ ଜିଲା କୁର୍ଲୁପାଲି ଗ୍ରାମରେ ସ୍ଥାନୀୟ ଯୁବକ ଓ ଗ୍ରାମବାସୀ ତଥା ଜିଲା ସଂକୀର୍ତ୍ତନ ପରିଷଦର ମିଳିତ ଉଦ୍ୟମରେ ଗତ ରବିବାର ସଂକୀର୍ତ୍ତନ ସଂସ୍କୃତି ଜାଗରଣ ଓ ଭକ୍ତି ବର୍ଷଣ ମହୋତ୍ସବ ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଏହି ମହୋତ୍ସବରେ ଓଡ଼ିଶା ସମେତ ଛତିଶଗଡ଼ ରାଜ୍ୟର ଲୀମକାନି, ମେଦିନୀପୁର, ଛତାମହୁଲ, ଇନ୍ଦରପୁର, ଚାରଭଟା, ପରସକୋଲ, ରିଖାଡାଦର୍, ଡୋଡ଼ରକଶା ଆଦି ଗ୍ରାମର ସଙ୍କୀର୍ତ୍ତନ ଦଳ ଯୋଗଦାନ କରିଥିଲେ । ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦର ଅଧ୍ୟକ୍ଷ ପ୍ରମୋଦ ଦାଶଙ୍କ ଅଧ୍ୟକ୍ଷତା ଓ ଜିଲା ସଂଯୋଜକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ଲୋକସଭା ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସଂକୀର୍ତ୍ତନ ସଂସ୍କୃତି ସୁରକ୍ଷା ପାଇଁ ସରକାରୀ ସ୍ତରରେ ଉଦ୍ୟମ କରାଯିବ ବୋଲି ଉଲ୍ଲେଖ କରି କରିଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ନେତା ପ୍ରିତମ ମେହେର, ଜିଲା ପରିଷଦ ସଦସ୍ୟ ସନ୍ତୋଷ ବେହେରା, ସରପଞ୍ଚ ଅହଲ୍ୟା ପଟେଲ, ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ସିଂ ବରିହା, କବି ନୀତିଶ ଆଚାର୍ଯ୍ୟ, ଲଳିତ ମୋହନ ପଣ୍ଡା, ବାବା ନାରାୟଣ ଦାସ, ରାମଚନ୍ଦ୍ର ସାହୁ, ଗୌର ସାହୁ, ପଞ୍ଚାନନ ବାଗ, ଜଗନ ମହାପାତ୍ର, ଭରତ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଧା ମାଧବ କୁର୍ଲୁପାଲି ସଙ୍କୀର୍ତ୍ତନ ମଣ୍ଡଳୀ, ଗୁରୁ କ୍ଷୀରସାଗର ସରାଫ, ସୁରେନ୍ଦ୍ର ଗଡ଼ତିଆ, କୃଷ୍ଣଚନ୍ଦ୍ର ରଣା, ମଣି ସାହୁ, ନରୋତ୍ତମ ରଣା ପ୍ରମୁଖଙ୍କୁ ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସଙ୍କୀର୍ତ୍ତନ ପ୍ରତି ସମର୍ପିତ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସର୍ବଭାରତୀୟ କଳା, ସଂସ୍କୃତି ଫେଡେରେଶନ ଅଧ୍ୟକ୍ଷ ଚୈତନ୍ୟ ପାଇକ ଓ ମହିଳା କୀର୍ତ୍ତନ କବିତା ଆବୃତ୍ତି ପାଇଁ କବି ନୀତିଶ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସର୍ବଭାରତୀୟ ସ୍ତରରେ ସମ୍ବର୍ଦ୍ଧିତ ହୋଇଥିବା ବରଗଡ଼ ଓ ବଲାଙ୍ଗିରର କଳାକାର ପ୍ରମୋଦ ଦାଶ, ବାସୁଦେବ ପ୍ରଧାନ, ମୀନକେତନ ମେହେର, ରାଜେଶ ବାରିକ, ସୁଶିଲ କୁମାର ଦାଶ, ସୱରୂପା ସିଂ, ପ୍ରମୋଦ ପ୍ରଧାନ, ତୋଫିକ ଖାନ ପ୍ରମୁଖଙ୍କୁ ପରିଷଦ ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ହେମସାଗର ପୋଢଙ୍କ ସଂଯୋଜନାରେ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟର ୫୦ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ସଂକୀର୍ତ୍ତନ ପରିବେଷଣ କରି କୁର୍ଲୁପାଲି ଗ୍ରାମ ପରିକ୍ରମା କରିଥିଲେ। ସମସ୍ତ ସଂକୀର୍ତ୍ତନ ମଣ୍ଡଳୀକୁ ଦଳଗତ ପ୍ରଦର୍ଶନ ପାଇଁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କୁର୍ଲୁପାଲି ଗ୍ରାମବାସୀଙ୍କ ପକ୍ଷରୁ ପ୍ରମୋଦ ସାହୁ, ଜଶ କୁମାର ପଟେଲ, ରାହାସ ପଟେଲ, ମୁରଲୀ ପଟେଲ, ସିଆରାମ ପଟେଲ, ବାସୁଦେବ ପଧାନ, ଗୌର ପଟେଲଙ୍କ ସମେତ କୁର୍ଲୁପାଲି ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ। ଝାରବନ୍ଧ ବ୍ଲକ ପକ୍ଷରୁ ମନୋଜ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ନଦୀରେ ଭାସିଯାଇ ମହିଳାଙ୍କ ମୃତ୍ୟୁ

**ଥୁଆମୂଳ ରାମପୁର,୧୪।୧୦ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ଗୋପାଳପୁର ପଞ୍ଚାୟତର ଖମାରପଦର ନିକଟ ଇନ୍ଦ୍ରାବତୀ ନଦୀରେ ମଙ୍ଗଳବାର ଜଣେ ମହିଳା ଭାସିଯାଇ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଖମାରପଦର ଗ୍ରାମର ନେତ୍ରା ମାଝୀଙ୍କ ସ୍ତ୍ରୀ ରୁକ୍ମଣୀ (୫୦)। ସୂଚନା ମୁତାବକ ଖମାରପଦର ଗ୍ରାମର କେତେଜଣ ମହିଳା ନଦୀରୁ ବାଲି କାଢି ତାକୁ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲେ। ପୂର୍ବଭଳି ମଙ୍ଗଳବାର ରୁକ୍ମଣୀଙ୍କ ସହ ଅନ୍ୟ ମହିଳାମାନେ ବାଲି କାଢିବାକୁ ଯାଇଥିଲେ। ଏହିସମୟରେ ଅସାବଧାନତା ବଶତଃ ରୁକ୍ମଣୀ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ।

# ଶ୍ରେଣୀ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ



ମଞ୍ଚାସୀନ ଅତିଥି।

ଅତାବିରା,୧୪।୧୦(ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ ଖରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଚୂଳଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ ଗୃହ ପାଇଁ ସୋମବାର ଶିଳାନ୍ୟାସ ହୋଇଯାଇଛି। ଏମ୍‌ସିଏଲର ସିଏସ୍‌ଆର ପାଣ୍ଠିରୁ ୩୫ ଲକ୍ଷ ଟଙ୍କା ବ୍ୟୟ ଅନୁଦାନରେ ନିର୍ମିତ ହେବାକୁ ଥିବା ଏହି ଶ୍ରେଣୀ ଗୃହ ଶିଳାନ୍ୟାସ ଉତ୍ସବରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଜିଲା ଯୋଜନା ସଂଯୋଜକ ରାଜେଶ ସାହୁ, ଡେପୁଟି ଜେନେରାଲ ମ୍ୟାନେଜର ଶୁଭ୍ରଜ୍ୟୋତି ସାହୁ, ଅତାବିରା ବିଡିଓ ରିପୁନାଥ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସିଏସ୍‌ଆର ଆସିଷ୍ଟାଣ୍ଟ ମ୍ୟାନେଜର ସୋନି କୁମାରୀ, ଅତାବିରା ଗୋଷ୍ଠୀ ଶିକ୍ଷଧିକାରିଣୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାର, ସରପଞ୍ଚ କଳା ସାହେବ ଭୋଇ ମଞ୍ଚାସୀନ ଥିଲେ। ପରିଚାଳନା କମିଟି ସଭାପତି ଭଗବାନ ପତିଙ୍କ ଅଧ୍ୟକ୍ଷତା ତଥା ପୃଥ୍ୱୀରାଜ ପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ରଣଜିତ ସାହୁ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ଶୁଶିଲ ପତି ସ୍ୱାଗତ ଭାଷଣ ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ

ଝାରବନ୍ଧ,୧୪।୧୦(ଦେବେନ୍ଦ୍ର ସାହୁ)

ଝାରବନ୍ଧ ବ୍ଲକ୍ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୌଡ଼ମାଳରେ କ୍ଲଷ୍ଟର ସ୍ତରୀୟ ସୁରଭି -୨୦୨୫ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦେବରାଜ ପ୍ରଧାନ, ମୁଖ୍ୟବକ୍ତା ଦିବ୍ୟକିଶୋର ପଣ୍ଡା ଅଧ୍ୟାପକ ମହିଳା ମହାବିଦ୍ୟାଳୟ, ପଦ୍ମପୁର, ସମ୍ମାନିତ ଅତିଥି ପ୍ରମୋଦ କୁମାର ପ୍ରଧାନ, ମୀନାକ୍ଷୀ ଭୋଇ, ସ୍ୱଦେଶ ପ୍ରଧାନ, ଅରୁଣ ବାଗ, ବିବେକାନନ୍ଦ ପଶାୟତ ଓ ସଂଯୋଜକ ପୁରନ୍ଧର କୁମ୍ଭାର ଥିବା ବେଳେ ଚନ୍ଦ୍ରକାନ୍ତ ମେହେର ଅଞ୍ଚଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଭାପତିତ୍ୱ କରିବା ସହ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ପ୍ରଧାନ ଉଦ୍‌ଘାଟନ କରିଥିବାବେଳେ ସିଆର୍‌ସିସି ପୁରନ୍ଧର କୁମ୍ଭାର ବିବରଣୀ ପଠନ କରିଥିଲେ। କୁର୍ମା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେବା ସହିତ ମଞ୍ଚ ପରିଚାଳନା କରିଥିଲେ। ଅଶୋକ ନେଟୀ, ଭୁବନେଶ୍ୱର ପ୍ରଧାନ, ତ୍ରିନାଥ ସେଠ, ସୁମନ୍ତ ବରିହା, ଗୋକୁଳାନନ୍ଦ ସାହୁ, ଭୁବନ ବାଗ, ହୃଷୀକେଶ ଭୋଇ, ପ୍ରକାର ଚନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।



ପଦ୍ମପୁରରେ ଆୟୋଜିତ ସୁରଭି ଉତ୍ସବରେ କୃତି ଛାତ୍ରୀଛାତ୍ର।

**ପଦ୍ମପୁର,(ପ୍ରଦୀପ୍ତ ଦାଶ):** ସ୍ଥାନୀୟ ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟଠାରେ କ୍ଲଷ୍ଟର୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ନିରାଲମ୍ବ ପ୍ରସାଦ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପଦ୍ମିନୀ ଦାଶ, ସମ୍ମାନିତ ଅତିଥି ଭାବେ ଟାଉନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତରଣୀସେନ ସାହୁ ଏବଂ ରାଜବୋଡ଼ାସମ୍ବର କ୍ଲଷ୍ଟରର ସିଆର୍‌ସିସି ସୁରେଶ ଚୌହାନ ଯୋଗଦାନ କରିଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀ ପ୍ରିତିରଶ୍ମି ସେଠ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ମୋଟ ୧୦ଟି ବିଭାଗରେ ବିଭିନ୍ନ ପ୍ରତିଯୋଗିତାରେ କ୍ଲଷ୍ଟରର ମୋଟ ୧୫୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜବୋଡାସମ୍ବର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଜୟକୁମାର ସାହୁ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଭାସିନୀ ସା, ରବିନା ପଧାନ, ଅଜିତ କୁମାର ପାତ୍ର, ଚନ୍ଦନ ନାୟକ, ଶେଷଦେବ ସାହୁ, ସୁନୀତା ଖମାରୀ, ହରେକୃଷ୍ଣ ମେହେର, ପ୍ରିତିରସ୍ମି ସେଠ, ରୁଦ୍ରାଙ୍ଗଦ ବାରିକ,ସ୍ୱର୍ଣ୍ଣକାନ୍ତି ପତି, ଅମୃତା ବାରିକ,ସଂଗ୍ରାମ କେଶରୀ ଦୀପ, ମମତା ମିଶ୍ର,ପ୍ରହ୍ଲାଦ ମହାନନ୍ଦ, ସୁଶିଲ ମେହେର, ଅମ୍ବିକା ରଥ, ମଧୁସ୍ମିତା ବର୍ଗେ,ରଞ୍ଜୁଲତା ମିଶ୍ର, ଭଗବତୀ ଦେ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ।

**OFFICE OF THE
SUPERINTENDING ENGINEER, ELECTRICAL CIRCLE (R&B)
NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

**Bid Identification No.S.E.E.C (R&B) 15/2025-26**

No. 3689 / Date : 10.10.2025

**No.B-602** : The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in : https://tendersorissa.gov.in. The details of bid documents will be available in the above website from dt.14.10.2025 at 05.00 P.M. to dt.29.10.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.30.10.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha,
BBSR

OIPR-34006/11/0053/2526

## ସ୍କ୍ରବ ଟାଇଫସ ପୋକ କାମୁଡାରେ ଜଣେ ଆକ୍ରାନ୍ତ

**ବଡ଼ଗାଁ, ୧୪।୯(ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମର ଜଣେ ବ୍ୟକ୍ତି ସ୍କ୍ରବ ଟାଇଫସ ପୋକ କାମୁଡାରେ ଆକ୍ରାନ୍ତ ହୋଇଥବା ଜଣାପଡିଛି। ଉକ୍ତ ଗ୍ରାମର ବିଦ୍ୟାଧର ସାହୁ (୬୫) ରାତିରେ ଶୋଇଥିବାବେଳେ ସ୍କ୍ରବ ଟାଇଫସ ପୋକ କାମୁଡିଥିଲା। କାମୁଡ଼ିବାର ୧୨ ଦିନ ପରେ ତାଙ୍କୁ ରାତିରେ ଜ୍ୱର ହେଉଥିଲା। ତାଙ୍କୁ ରାଉରକେଲା ସ୍ଥିତ ଏକ ଘରୋଇ ମେଡିକାଲକୁ ନିଆଯାଇଥିଲା। ସେଠାରେ ରକ୍ତ ପରୀକ୍ଷା ପରେ ସ୍କ୍ରବ ଟାଇଫସ ପୋକ କାମୁଡ଼ିଥିବା ଡାକ୍ତର କହିଥିଲେ। ଡ଼ାକ୍ତରଖାନାରେ ତାଙ୍କୁ ପାଞ୍ଚ ଦିନ ଭର୍ତ୍ତି କରାଯାଇଥିଲା। ସୂଚନାଯୋଗ୍ୟ, ଗତମାସ ଏହି ଗ୍ରାମର କୈଳାସ ସାହୁ ସ୍କ୍ରବ ଟାଇଫସ ପୋକ କାମୁଡାରେ ମୃତ୍ୟୁବରଣ କରିଥିଲେ।

# ୩ ମାସ ହେଲା ଇସିଜି ମେଶିନ ଅଚଳ

**ବଡ଼ଗାଁ, ୧୪।୧୦(ଅଶୋକ ଷଡଙ୍ଗୀ)**

**ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**
- ଟେକ୍‌ନିସିଆନ ଅଭାବ
- ଏକ୍ସରେ ମେଶିନ କାମରେ ଆସୁନାହିଁ




ରାଜ୍ୟ ଓ କେନ୍ଦ୍ର ସରକାର ଡ଼ାକ୍ତରଖାନାରେ ରୋଗୀ କିପରି ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିବେ ସେଥିପ୍ରତି ବିଭିନ୍ନ ଯୋଜନା କରିଥିଲାବେଳେ ଆବଶ୍ୟକ ଉପକରଣ, ଯନ୍ତ୍ରପାତି ଯୋଗାଇ ଦେଉଛନ୍ତି। ହେଲେ ଅବ୍ୟବସ୍ଥା କାରଣରୁ ଏହା ରୋଗୀଙ୍କ କାମରେ ନ ଆସି ଦୀର୍ଘ ମାସ ଓ ବର୍ଷ ପର୍ଯ୍ୟନ୍ତ ଅଚଳ ହୋଇରହିଛି। ତଥାପି ଏସବୁର ସୁବ୍ୟବସ୍ଥା କରାଯାଇ ପାରୁନାହିଁ। ଫଳରେ ରୋଗୀ ସହରକୁ ଯାଇ ଖର୍ଚ୍ଚାନ୍ତରେ ପଡୁଛନ୍ତି। ଏଭଳି ସମସ୍ୟା ଦେଖାଦେଇଛି ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ। ତିନିମାସ ପୂର୍ବେ ବଡ଼ଗାଁ ଡ଼ାକ୍ତରଖାନାକୁ ମିଳିଥିବା ଇସିଜି ମେଶିନ ମାତ୍ର କିଛିଦିନ ଚାଲିବା ପରେ ଅଚଳ ହୋଇଯାଇଥିଲା। ହେଲେ ଏ ସମ୍ପର୍କରେ ଦାୟିତ୍ୱରେ ଥିବା କର୍ମଚାରୀମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ବିପିଏମଙ୍କୁ ଜଣାଇ ନ ଥିଲେ। ମଙ୍ଗଳବାର ସକାଳେ କେତେକ ଗ୍ରାମବାସୀଙ୍କ ଠାରୁ ଇସିଜି ମେସିନ କାମ କରୁ ନ ଥିବା ସୂଚନାକ୍ରମେ ଆମ ପ୍ରତିନିଧି ଓ ରୋଗୀ କଲ୍ୟାଣ ସମିତି ସଭ୍ୟ ସତ୍ୟନାରାୟଣ ନାୟକ (ଖଡିଆ) ଡ଼ାକ୍ତରଖାନାକୁ ଯାଇ କର୍ମଚାରୀମାନଙ୍କୁ ପଚରିବୁଝିବାରୁ ସେମାନେ ଇସିଜି ମେସିନ ଖରାପ ଥିବା କହିଥିଲେ। ତେବେ ଏ ନେଇ ବିପିଏସ ଗୀତାଞ୍ଜଳି ରାଉତରାୟଙ୍କୁ ପଚାରିବାରୁ ମେସିନ ଅଚଳ ଥିବା ତାଙ୍କୁ କିମ୍ବା ସିଏଚସି ଅଧିକାରୀଙ୍କୁ କର୍ମଚାରୀମାନେ ଜଣାଇ ନ ଥିଲେ କହିବା ସହିତ ଆସନ୍ତାକାଲି ମେସିନ ଠିକ କରିବା ପାଇଁ ମେକାନିକ ଆସିବେ କହିଛନ୍ତି। ଏହା ସହ ମେସିନ ଖରାପ ଥିବା ସତ୍ତ୍ୱେ କାହିଁକି ଏତେଦିନ ଜଣାଇ ନ ଥିଲେ, ଏକ୍ସପ୍ଲାନେସନ ମଗାଯାଇଛି ବୋଲି କହିଛନ୍ତି। ତେବେ ବଡ଼ଗାଁ ଡ଼ାକ୍ତରଖାନାରେ ଥିବା ପୁରୁଣା ଏକ୍ସରେ ମେଶିନକୁ ବଦଳାଇ ଦେଢ଼ ବର୍ଷ ହେଲା ନୂଆଁ ମେଶିନ ଆସିଥିଲେ ମଧ୍ୟ ଟେକନିସିଆନ ଅଭାବରୁ ବ୍ୟବହାର କରାଯାଇପାରୁନାହିଁ। ଏହିସବୁ ସମସ୍ୟା ଉପରେ ରୋଗୀ କଲ୍ୟାଣ ସମିତିରେ ବାରମ୍ବାର କୁହାଯାଉଥିଲେ ମଧ୍ୟ ସୁଫଳ ମିଳୁ ନ ଥିବା କୁହାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଡକାୟତି ଉଦ୍ୟମ ବିଫଳ, ୩ ଗିରଫ


ଏସ୍‌ଡିପିଓ ଘଟଣା ସମ୍ପର୍କରେ ସୂଚନା ଦେଉଛନ୍ତି।

**ବଡ଼ଗାଁ, ୧୪।୧୦(ଅଶୋକ ଷଡଙ୍ଗୀ)**

**ବୋଲେରୋ, ଦେଶୀ ପିସ୍ତଲ, ଗୁଳି ସହ ୩ ମୋବାଇଲ ଜବତ**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ପୋଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଛି। ଏହା ସହ ବୋଲେରୋ, ଦେଶୀ ପିସ୍ତଲ, ଗୁଳି ସହ ୩ ମୋବାଇଲ ଜବତ କରାଯାଇଛି। ଏସ୍‌ପି ଅମ୍ରିତା ପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ବଡ଼ଗାଁ ଥାନା ଅତିରିକ୍ତ ଆଇଆଇସି ଖଗପତି ବିଶାଳ, ଏଏସଆଇ ବିଜୟ କୁମାର କର, ଅରୁପାନନ୍ଦ ଦାସ ସଦଳବଳେ ଚଢ଼ାଉ କରି ଏକ ଯୋଜନାବଦ୍ଧ ଡକାୟତି ଉଦ୍ୟମକୁ ବିଫଳ କରିବାରେ ସକ୍ଷମ ହୋଇଛନ୍ତି। ଡକାୟତ ଦଳର ୩ଜଣ ସଦସ୍ୟ ବଡ଼ଗାଁ ଥାନା ଅନ୍ତର୍ଗତ ମରଚିମୁଣ୍ଡା ନିକଟରେ ଏକ ଡକାୟତି କରିବାକୁ ଯୋଜନା କରୁଥିବାବେଳେ ବଡ଼ଗାଁ ପୋଲିସ ସେମାନଙ୍କୁ କାବୁ କରିନେଇଥିଲେ। ମଙ୍ଗଳବାର ୩ ଡକାୟତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଶଙ୍କରାପୋଷ ଗ୍ରାମର ପ୍ରଦୀପ ବୁଡ଼ (୨୫), କୁତ୍ରା ଥାନା ଅନ୍ତର୍ଗତ ଜଉରାମୁଣ୍ଡା ଗ୍ରାମର ଶୁଶିଲ ଡୁଙ୍ଗଡୁଙ୍ଗ (୨୮) ଓ ତାଙ୍କର ଭାଇ ସଞ୍ଜୟ ଦୀପ ଡୁଙ୍ଗଡୁଙ୍ଗ (୨୫)। ସେମାନଙ୍କଠାରୁ ବଡ଼ଗାଁ ପୋଲିସ ଓଆର ୧୬ସି ୮୩୬୪ ନମ୍ବର ବୋଲେରୋ, ଗୋଟିଏ ଦେଶୀ ବନ୍ଧୁକ, ୨ ରାଉଣ୍ଡ ଅଫୁଟା ଗୁଳି, ନଗଦ ୭ ହଜାର ୫ ଶହ ଟଙ୍କା ଓ ଡକାୟତିରେ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ବଡ଼ଗାଁ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରିଛନ୍ତି। ଘଟଣାରେ ୨ଜଣ ଫେରାର ହୋଇଯାଇଥବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ସ୍ୱସ୍ତି ସାହିତ୍ୟ ସଂସଦର ମାସିକ ସାରସ୍ୱତ ସମାବେଶ

**ରାଉରକେଲା, ୧୪।୧୦(ବିପ୍ଳବ ରଞ୍ଜନ ଦାଶ)**

ସ୍ୱସ୍ତି ସାହିତ୍ୟ ସଂସଦର ମାସିକ ସାରସ୍ୱତ ସମାବେଶ ସଭାପତି ମହେନ୍ଦ୍ର କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଛେଣ୍ଡ ଗୋପବନ୍ଧୁ ପାଠାଗାରରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଗାଳ୍ପିକ କାଶୀନାଥ ନନ୍ଦୀଙ୍କ ସଂଯୋଜନାରେ ଆୟୋଜିତ ଏହି ସମାବେଶରେ ଗାଳ୍ପିକ ସଞ୍ଜୀବ ଭୋଇ ଯୋଗଦେଇ ବିଶ୍ୱ ଜୀବନରେ ଜଗନ୍ନାଥଙ୍କ ମାନବୀୟ ଲୀଳା ସମ୍ପର୍କରେ ମାର୍ମିକ ଆଲୋଚନା କରିଥିଲେ। ସେ କହିଥିଲେ, ଶ୍ରୀଜଗନ୍ନାଥ ଏକମାତ୍ର ଠାକୁର ଯାହାର ବିଗ୍ରହ କାଠରେ ତିଆରି, ତାଙ୍କ ଫୁଲମାଳରେ ଗଣ୍ଠି ପଡ଼େନାହିଁ, ଭାଇଭଉଣୀଙ୍କ ସହ ପୂଜା ପାଆନ୍ତି ଓ ସବୁବେଳେ ହସୁଥାନ୍ତି, ଭକ୍ତକୁ ଦେଖିବାକୁ ରାସ୍ତାକୁ ଓହ୍ଲାଇ ଆସନ୍ତି, ତାଙ୍କର ଦୈନନ୍ଦିନ ଜୀବନୀ ଶବର ସଂସ୍କୃତିରୁ ଆସିଛି। ଏହାସହ ବିଭିନ୍ନ ଭକ୍ତ, ବିଭିନ୍ନ ବେଶ, ମହାପ୍ରସାଦ, ତାଙ୍କ ସହ ମଣିଷର ସମ୍ପର୍କ ଉପରେ ସେ ଆଲୋଚନା କରିଥିଲେ। ଏହି ଅବସରରେ ପୁଷ୍ପାଞ୍ଜଳି ପଟେଲ କ୍ଷୁଦ୍ରଗଳ୍ପ ପାଠ କରିଥିଲାବେଳେ କବି ବିଜୟ ରାୟ, ବ୍ରଜେନ୍ଦ୍ର ଦାଶ, ପରେଶ ବିଶ୍ୱାଳ, ମୀନକେତନ ପଶାୟତ, ତ୍ରିନାଥ ସିଂହ, ରଶ୍ମି ସାହୁ, ସୁନିଲ ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। ଅଧାପକ କରୁଣାକର ପାଟ୍ଟଶାଣୀ ପଠିତ ଗଳ୍ପ ଓ କବିତାଗୁଡ଼ିକର ସମୀକ୍ଷା କରିଥିଲେ। ପାଠାଗାର ସମ୍ପାଦକ ହରିହର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରାଜୀବ ପାଣି, ଅଜୟ ମହାନ୍ତି, ପ୍ରତାପ ପଣ୍ଡା, ଅଙ୍କିତ ରାଉତ, ତ୍ରିଲୋଚନ ସ୍ୱାଇଁ, ରବିନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ସମାବେଶରେ ମଞ୍ଚାସୀନ ଅତିଥି।

# ଜିଲାସ୍ତରୀୟ ପୋଷଣ ମାସ କାର୍ଯ୍ୟକ୍ରମ


ସାଂସ୍କୃତିକ କାର୍ଯ୍ୟକ୍ରମ।

**ସୁନ୍ଦରଗଡ଼, ୧୪।୧୦(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲାସ୍ତରୀୟ ପୋଷଣ ମାସ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଜିଲାପାଳ ଡ଼ା. ଶୁଭଙ୍କର ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଜିଲା ସମାଜ କଲ୍ୟାଣ ଅଧିକାରୀ କ୍ରିଷ୍ଣା କୁମାରୀ ନନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥି ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ପୁଷ୍ଟିହୀନତା ଦୂରୀକରଣ ନିମନ୍ତେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକରେ ଯେଉଁ ପଦକ୍ଷେପ ଗୁଡ଼ିକ ଗ୍ରହଣ କରାଯାଉଛି ତାହା ଉଚ୍ଚ ପ୍ରଶଂସନୀୟ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ପୋଷଣ ଅଭିଯାନକୁ ସଫଳ କରିବା ନିମନ୍ତେ ତୃଣମୂଳ ସ୍ତରରେ କାର୍ଯ୍ୟକରୁଥିବା ଅଙ୍ଗନୱାଡି କର୍ମୀ ନିଜେ ସୁସ୍ଥ ରୁହନ୍ତୁ ଉପରେ ଗୁରୁତ୍ୱାରୋପ କରିବା ସହିତ ଅତିଥିମାନେ ପୋଷଣ ଅଭିଯାନର କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। କୁପୋଷଣ ବା ପୁଷ୍ଟିହୀନତାର ଦୂରୀକରଣ ନିମନ୍ତେ ସମସ୍ତେ ସଂକଳ୍ପବଦ୍ଧ ହୋଇ ଆଗ୍ରହର ସହ ଆଗେଇ ଆସିବାକୁ ଉତ୍ସାହିତ କରିଥିଲେ। ପୋଷଣ ଅଭିଯାନକୁ ସଫଳ ରୂପାୟନ କରାଯିବା କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟକରୁଥିବା ସି.ଡି.ପି.ଓ, ସୁରକ୍ଷା ଅଧିକାରୀ, ବ୍ଲକ ସଂଯୋଜକମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ସିଡ଼ିପିଓ, ବ୍ଲକ ସଂଯୋଜକ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଆଇସିଡିଏସ ପ୍ରକଳ୍ପ ଗୁଡ଼ିକ ଦ୍ୱାରା ପୁଷ୍ଟିକର ଖାଦ୍ୟଗୁଡ଼ିକ ମଧ୍ୟ ପ୍ରଦର୍ଶନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା


ସବ୍‌ଡେଗା ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଖେଳାଳି।

**ସୁନ୍ଦରଗଡ, ୧୪।୧୦ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ସବଡେଗା ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ସବଡେଗା ଉପେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକ କ୍ରୀଡା ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୦ଟି କ୍ଲଷ୍ଟରର ୪ଟି ଜୋନରୁ ପ୍ରାୟ ୩୫୦ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ୧୪ ବର୍ଷରୁ କମ ଓ ୧୭ ବର୍ଷରୁ କମ ଉଭୟ ବାଳିକା ଓ ବାଳକମାନଙ୍କ ଖୋଖୋ, କବାଡି, ଫୁଟବଲ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସବଡେଗା ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଖେଳାଳିମାନଙ୍କୁ ନିଜର କ୍ରୀଡା ପ୍ରତିଭାର ଉତ୍ତମ ପ୍ରଦର୍ଶନ ପାଇଁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମୁକ୍ତେଶରୀ ପଟେଲ, ଉପେନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେନ ପ୍ରସାଦ ଟେଟେ, ନ୍ୟୁ ଓଡିଶା ଉଚ୍ଚ ବିଦ୍ୟାଳୟ ଗାଇବିରାର ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କ୍ରୀଡାର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ । କ୍ରୀଡା ଶିକ୍ଷକ ସୁରେଶ ଖରଡିଆ, ମମତା ପଟେଲ, ବିଶ୍ୱରଂଜନ ପଟେଲ, ପଞ୍ଚାନନ ବାରିକ, ମିଟୁ ସାହୁ, ଫୁଲଜେନସିଆ ଲାକ୍ରା, ରୁନୁଆ କୁଜୁର, ଜିରାନ ଓରିଆ, ଜର୍ଜ, କେରକେଟା, ଅଶ୍ୱନୀ ପ୍ରଧାନ, ଦାମୋଦର ଭୋଇ, ପ୍ରଭାକର ବାରିକ, ଅରବିନ୍ଦ ସାହୁ, ଉମାକାନ୍ତ ମାଝୀ, ନକି ରାଜା, ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ। ଶିକ୍ଷକ ଅର୍ଜୁନ ରୋହିଦାସ ମଞ୍ଚ ପରିଚାଳନା କରିଥିଲେ। ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଚୟନ ହୋଇଥିବା କୃତୀ ଖେଳାଳୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାପଡିଛି । ଶେଷରେ ବେଣୁଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରିଟାୟାର୍ଡ ଏମ୍ପ୍ଲଇଜ୍ ଆସୋସିଏଶନର ବନ୍ଧୁମିଳନ

**ରାଉରକେଲା, ୧୪।୧୦(ଦିନେଶ ମିଶ୍ର)**

ଛେଣ୍ଡ କଲୋନିସ୍ଥିତ ରାଉରକେଲା ରିଟାୟର୍ଡ ଏମ୍ପ୍ଲଇଜ୍ ଆସୋସିଏଶନର ବାର୍ଷିକ ବନ୍ଧୁମିଳନ କଳିଙ୍ଗବିହାରସ୍ଥିତ ଉମାଶଙ୍କର ପୀଠରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ହରିହର ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ସଭାପତି ଶଙ୍କର ପ୍ରସାଦ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ସଦସ୍ୟମାନଙ୍କ ମଧ୍ୟରେ କୁଇଜ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ୧୦ ଜଣ ନୂତନ ସଦସ୍ୟା ସଦସ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ବିବେକାନନ୍ଦ ଜେନା, ରବିନାରାୟଣ ସିଂହ, ରମେଶ ଚନ୍ଦ୍ର ସିଂହ, ନିରଦ ଭୂଷଣ ପଟ୍ଟନାୟକ, ତ୍ରିଲୋଚନ ମିଶ୍ର, ବିଜୟ କୁମାର ବରାଳ, ରାମ ନାରାୟଣ ନାୟକ, ହରିଶ୍ଚନ୍ଦ୍ର ଭୂମିଜ, ରବୀନ୍ଦ୍ର କୁମାର ସିରାଫ ଓ ଲକ୍ଷ୍ମଣନାଥ ଦାସ ପ୍ରମୁଖ ସହଯୋଗ କରିଥିଲେ।


ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ସଦସ୍ୟା ସଦସ୍ୟ।

# ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

**ସୁନ୍ଦରଗଡ, ୧୪।୧୦(ଜୟନାରାୟଣ ମେଣ୍ଡୁଲି)**


ବିଜେଡିର ପଦଯାତ୍ରାରେ ସାମିଲ କର୍ମକର୍ତ୍ତା ଓ ନେତା।

ବିଜୁ ଜନତା ଦଳ(ବିଜେଡି)ର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ଅକ୍ଟୋବର ମାସ ୮ରୁ ନଭେମ୍ବର ୮ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେଉଛି। ଏହି ନିର୍ଦ୍ଦେଶ ଅନୁସାରେ ସୁନ୍ଦରଗଡ ଜିଲା ବିଜୁ ଜନତା ଦଳ ପକ୍ଷରୁ ଜିଲା ସଭାପତି ତଥା ସଦର ବିଧାୟକ ଯୋଗେଶ କୁମାର ସିଂହଙ୍କ ନେତୃତ୍ୱରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ସୁନ୍ଦରଗଡ ସଦର ବ୍ଲକ ଅନ୍ତର୍ଗତ ମଝାପଡା (ତେଲିମାଲ)ଠାରୁ ଅମସରଙ୍ଗା ଗ୍ରାମ ପର୍ଯ୍ୟନ୍ତ ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦୦ ରୁ ଅଧିକ ଜନସାଧାରଣ ଏବଂ ବିଜୁ ଜନତା ଦଳର କର୍ମୀ ଉପସ୍ଥିତ ଥିଲେ। ଏହି ପଦଯାତ୍ରା ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସରକାର ସମୟରେ ନିଆଯାଇଥିବା ଲୋକାଭିମୁଖୀ କାର୍ଯ୍ୟକ୍ରମ ଗୁଡ଼ିକର ଅବତାରଣା କରିବା ସଙ୍ଗେ ସଙ୍ଗେ ବର୍ତ୍ତମାନର ସରକାର ଦେଇଥିବା ପ୍ରତିଶ୍ରୁତି ପାଳନରେ ବିଫଳତା, ମହିଳାଙ୍କୁ ନିର୍ଯାତନା ଏବଂ ପ୍ରତାରଣା, ଆଇନଶୃଙ୍ଖଳାରେ ଅଧୋଗତି, ପଞ୍ଚାୟତରେ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ଅଭିସନ୍ଧି, ଚାଷୀମାନଙ୍କ ସମସ୍ୟା ପ୍ରତି ବିମୁଖତା, ଯୁବସମାଜ ଏବଂ ଛାତ୍ରୀଛାତ୍ରଙ୍କ ସମସ୍ୟା, ଦରଦାମ ବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ପଦଯାତ୍ରା ସମୟରେ ଜିଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ, ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ନାଏକ, ଜିଲା ପରିଷଦ ସଭ୍ୟ ଅମୟ ପ୍ରଧାନ, ଜିତେନ୍ଦ୍ର କର, ସୁନିଲ ମହାପାତ୍ର, କାଉନସିଲର ବେଣୁଧର ତାଣ୍ଡିଆ, ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ, ସରପଞ୍ଚ ଅନିରୁଦ୍ଧ ଠେମରିଆ, ସ୍ୱର୍ଣ୍ଣ ମାଝୀ, ଜଗଦୀଶ ସାହୁ, ନବୀନ ସା, ଅମୃତ ସେଖର୍ ଦେଓ, ବଂଶୀ ମେହେର, ତିକଟ ଦେଓ, ଆକାଶ ଶେଖର ଦେଓ ଉପସ୍ଥିତ ରହି ପଦଯାତ୍ରାକୁ ସଫଳ କରିଥିଲା।

## ଡିଫାଇନ କଳାହାଣ୍ଡି ଖେଳ ବିଗାଡ଼ିବା ଚର୍ଚ୍ଚା

**ନୂଆପଡ଼ା, ୧୪।୧୦ (ମକାରୁ ବେମାଲ):** ଡିଫାଇନ କଳାହାଣ୍ଡି ନୂଆପଡ଼ା ଉପନିର୍ବାଚନରେ ଖେଳ ବିଗାଡିବା ଚର୍ଚ୍ଚା ହେଉଛି। ଉପନିର୍ବାଚନ ପାଇଁ ପ୍ରମୁଖ ଦଳ ଭାବରେ କେବଳ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଛି। ଏପରି ସମୟରେ ଡିଫାଇନ କଳାହାଣ୍ଡି ଉପନିର୍ବାଚନରେ ପ୍ରାର୍ଥୀ ଦେବା ଆଶଙ୍କା ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଯେ, ୯୦ ଦଶକରେ ଡିଫାଇନ କଳାହାଣ୍ଡି ସଂସ୍ଥାପକ ମଧୁ ମହାନ୍ତି ଭବାନୀପାଟଣାରେ କଳାହାଣ୍ଡି ମୁକ୍ତି ମୋର୍ଚ୍ଚା ଗଠନ କରି କଳାହାଣ୍ଡି ରାଜନୀତିରେ ହଇଚଇ ସୃଷ୍ଟି କରିଥିଲେ।

## ଅଜାଙ୍କୁ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କଲା ନାତି

**ବଡ଼ଗାଁ, ୧୪।୧୦( ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନ ୧୧ ଟାରେ ଜଣେ ଯୁବକ ତାଙ୍କ ଅଜାଙ୍କୁ ଠେଙ୍ଗା ରେ ମରଣାନ୍ତକ ଆକ୍ରମଣ କରିଥିବା ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ଗ୍ରାମର କିରିସ୍ଥାନ ଗୁଲଗୁଲିଆ (୬୧) ଘର ସମ୍ମୁଖ ଗଛ ମୂଳେ ଖଟ ପକାଇ ଶୋଇଥିଲାବେଳେ ତାଙ୍କ ନାତି ପିଣ୍ଟୁ ଗୁଲଗୁଲିଆ ସେଠାକୁ ଆସି ଠେଙ୍ଗାରେ ହାତ ଓ ପିଠିରେ ପ୍ରହାର କରି ଲହୁଲୁହାଣ କରିଦେଇଥିଲେ। ଏହି ସମୟରେ ଆକ୍ରମଣ କରିଥିବା ଯୁବକଙ୍କ ବାପା ଓ ମା' ଛଡାଇଥିଲେ। ଆହତ ବୃଦ୍ଧଙ୍କ ସ୍ତ୍ରୀ ଶୁକ୍ରି ଗୁଲଗୁଲିଆ ହସ୍ତକ୍ଷେପ କରିବାରୁ ତାଙ୍କୁ ମଧ ସମ୍ପୃକ୍ତ ଯୁବକ ଚାପୁଡ଼ା ଓ ଧକ୍କା ମାରି ତଳେ ପକାଇ ଦେଇଥିଲେ। କେସ କଲେ ହତ୍ୟା କରିବାକୁ ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

# ବ୍ଲକସ୍ତରୀୟ ଫୁଟବଲ, ଖୋଖୋ ଚୟନ ଶିବିର

**କୁତ୍ରା, ୧୪।୧୦(ଦେବାଶିଷ ସାହୁ)**


ବ୍ଲକସ୍ତରୀୟ ଫୁଟବଲ ଓ ଖୋଖୋ ଚୟନ ଶିବିରରେ ଅଂଶଗ୍ରହଣ କରିଥିବା ଖେଳାଳି।

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରା ସର୍ଗୁ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଫୁଟବଲ ଓ ଖୋଖୋ ଚୟନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅମରେଶ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ହୋଇଥିଲା। ଅତିଥି ଭାବେ ବିଇଓ ଅନନ୍ତ କୁମାର ନାୟକ, ଜେଏସ୍‌ଡବ୍ଲ୍ୟୁ ସିଏସ୍‌ଆର ବିଭାଗ ଅଧୀକ୍ଷକ ଅଲେଖ ଦଳେଇ, ସରପଞ୍ଚ ତରୁଣିସେନ ବରିହା, ଏବିଇଓ ନିରଞ୍ଜନ ରାଉଳ, ବ୍ଲକ ସ୍ପୋର୍ଟସ ଆସୋସିଏଶନର ସଦସ୍ୟ ଗୀତାଞ୍ଜଳୀ ଦାସ, ସୁନିତା ସରୋନିଆ, ଲୋକନାଥ ପ୍ରଧାନ, ବିଧିଚନ୍ଦ୍ର ବିଲୁଙ୍ଗ, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ରୋଡ଼େକ୍ସ ଏକ୍କା, ବିଦ୍ୟାଳୟ କମିଟି ସଭାପତି ଶ୍ରୀକାନ୍ତ ମାଝି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଶାରିରୀକ ଓ ମାନସିକ ସୁସ୍ଥତା ପାଇଁ ପାଠପଢା ସହ କ୍ରୀଡାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଯିଏ ଯେଉଁ ଖେଳରେ ପାରଙ୍ଗମ ସେହି ଅନୁସାରେ ଅଂଶଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଶିବିରରେ କୁତ୍ରା ବ୍ଲକ ପାଇଁ ବିଭିନ୍ନ ବର୍ଗର ଫୁଟବଲ ଓ ଖୋଖୋ ଦଳ ନିମନ୍ତେ ଖେଳାଳି ଚୟନ କରାଯାଇଥିଲା। ଏହି ଚୟନ ପ୍ରକ୍ରିୟାରେ ଖେଳ ଶିକ୍ଷକ ମହେନ୍ଦ୍ର କଲସେର, ଉମାଶଙ୍କର ମଲ୍ଲିକ, ଯୁଦିତ ଆଇନ୍ଦ, ବ୍ରହ୍ମାନନ୍ଦ ମହନ୍ତ, କିରଣଶିଳା ବାର୍ଲା, ଅନୁପମା ଟପ୍ପୋ, ସରସ୍ୱତୀ ମିଞ୍ଜ, ଲବଣୀଧର ଗରଡିଆ ପ୍ରମୁଖ ସାମିଲ ହୋଇ ଖେଳାଳି ଚୟନ କରିଥିଲେ। ଆୟୋଜିତ ହୋଇଥିବା ସଭା କାର୍ଯ୍ୟକୁ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ପରିଚାଳନା କରିଥିଲେ। ଏବିଇଓ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

**OFFICE OF THE
SUPERINTENDING ENGINEER, ELECTRICAL CIRCLE (R&B)
NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
**Bid Identification No.S.E.E.C (R&B) 15/2025-26**
No. 3689 / Date : 10.10.2025

**No.B-602** : The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in : https://tendersorissa.gov.in. The details of bid documents will be available in the above website from dt.14.10.2025 at 05.00 P.M. to dt.29.10.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.30.10.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha,
BBSR

OIPR-34006/11/0053/2526

# ଟାୟାର ଚୋରି ଘଟଣାରେ ୪ ଗିରଫ

**ବିଭିନ୍ନ କମ୍ପାନୀର ୫୬ ନୂଆ,୨୫ ପୁରୁଣା ଟାୟାର, ୨ ବ୍ୟାଟେରି ସହ ଚୋରିରେ ବ୍ୟବହୃତ ଟ୍ରକ୍, ପିକ୍‌ଅପ୍, କାର୍ ଜବତ**

ଝାରସୁଗୁଡ଼ା, ୧୪।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବଡ଼ମାଳ ଥାନା ଅଞ୍ଚଳର ମୁନ୍ଦ୍ରା ଟାୟାର ଦୋକାନରୁ ଚୋରି ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ଜଣେ ଓଡ଼ିଶାର ହୋଇଥିବାବେଳେ ଅନ୍ୟ ୩ ଜଣ ବିହାର ରାଜ୍ୟର। ଚୋରି ହୋଇଥିବା ବିଭିନ୍ନ କମ୍ପାନୀର ୫୬ଟି ନୂଆ,୨୫ଟି ପୁରୁଣା ଟାୟାର ସହ ଚୋରିରେ ବ୍ୟବହୃତ ଟ୍ରକ୍, ପିକ୍‌ଅପ୍ ଭ୍ୟାନ୍ ଓ କାର୍ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅନୁଗୋଳ ଜିଲା ବଣ୍ଟାଁପାଳ ଥାନାର ଗଣେଶ କେତନ ସାହୁ (୩୭), ବିହାର ମୁଜାଫରପୁର ଜିଲା କାନ୍ତି ଥାନାର ଏମ୍‌ଡି ୱାସିମ (୨୯), ସମସ୍ତିପୁର ଜିଲା ସାପୁର ଥାନାର ଚାନ ଅଲ୍ଲୀ (୪୨), ବାଉଳି ଜିଲା ପାତିପୁର ଥାନାର ଏମ୍‌ଡି ରସିଦ (୪୩)। ସେମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଏନେଇ ଅପରାହ୍ନରେ ଝାରସୁଗୁଡ଼ାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।





ଖବରଦାତା ସମ୍ମିଳନୀରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଉଛନ୍ତି। ପୋଲିସ ଜବତ କରିଥିବା ଟାୟାର ।

ଏସ୍‌ପିଙ୍କ ସୂଚନା ଅନୁସାରେ ଗତ ଅକ୍ଟୋବର ୮ ବିଳମ୍ବିତ ରାତିରେ ବଡ଼ମାଳ ଥାନା ଅନ୍ତର୍ଗତ ବିଜୁ ଏକ୍ସପ୍ରେସ୍ ୱେ ପାର୍ଶ୍ୱରେ ଥିବା ମୁନ୍ଦ୍ରା ଟାୟାର ଦୋକାନରୁ ଲକ୍ଷାଧିକ ଟଙ୍କାର ଟାୟାର ଚୋରି ହୋଇଥିଲା। ଏ ନେଇ ଦୋକାନ ମାଲିକ ନୀଲେଶ ମୁନ୍ଦ୍ରା ବଡ଼ମାଳ ଥାନାରେ ଅକ୍ଟୋବର ୯ରେ ଏତଲା ଦେଇଥିଲେ। ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଟିମ୍ ତିଆରି କରାଯାଇ ଝାରସୁଗୁଡ଼ା ଜିଲାରେ ଥିବା ବିଭିନ୍ନ ଟୋଲ୍‌ଗେଟ୍, ନିକଟସ୍ଥ ଦୋକାନଗୁଡିକର ସିସିଟିଭି ଯାଞ୍ଚ କରାଯାଇଥିଲା। ଏହାସହ ଅପରାଧ ଘଟଣାରେ ସଂଶ୍ଳିଷ୍ଟ ଥିବା ଝାରସୁଗୁଡ଼ା ତଥା ଅନ୍ୟ ଜିଲାର ଅପରାଧୀମାନଙ୍କ ଫାଇଲକୁ ଯାଞ୍ଚ କରାଯାଇଥିଲା। ଏଥିରୁ ଅନୁଗୋଳ ଜିଲାର ଗଣେଶ କେତନ ସାହୁ ଟ୍ରାନ୍ସପୋର୍ଟ ସଂସ୍ଥା ଖୋଲିବା ସହ ବିଭିନ୍ନ ଟାୟାର ପରିବହନ କରୁଥିଲେ ଓ ପୂର୍ବରୁ ବିଭିନ୍ନ ଟାୟାର ଚୋରି ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ତାଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଟାୟାର ଚୋରି ନେଇ ୧୪ଟି ମାମଲା ରହିଛି । ଏହା ଜାଣିବା ପରେ ପୋଲିସର ଗଣେଶଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ଫଳରେ ଝାରସୁଗୁଡ଼ା ପୋଲିସ ଅନୁଗୋଳରେ ଚଢ଼ାଉକରି ଗଣେଶଙ୍କ ସହ ଅନ୍ୟ ୩ଜଣଙ୍କୁ ଗିରଫ କରିଥିଲା। ଏସ୍‌ପିଙ୍କ ସୂଚନା ମୁତାବକ ଅଭିଯୁକ୍ତମାନେ ପୂର୍ବ ଯୋଜନା ଅନୁଯାୟୀ ଅକ୍ଟୋବର ୬ ଓ ୭ରେ ଏକ ପିକ୍‌ଅପ୍ ଓଡି ୨୫– ୯୩୭୮ ଏବଂ ଟ୍ରକ୍ ଓଡି ୩୫ସି ୨୦୧୧ରେ ଝାରସୁଗୁଡ଼ାରେ ପହଞ୍ଚି ଚୋରି କରିବା ସ୍ଥାନ ପରିଦର୍ଶନ ସହ ଯୋଜନା କରିଥିଲେ। ସେମାନେ ପୂର୍ବ ଯୋଜନା ଅନୁସାରେ ୮ ତାରିଖ ବିଳମ୍ବିତ ରାତିରେ ଟାୟାର ଦୋକାନର ପଛପଟ ଝରକା ତାଡ଼ି ବିଭିନ୍ନ କମ୍ପାନୀର ଟାୟାର ଓ ବ୍ୟାଟେରି ପିକ୍‌ଅପ୍ ଭ୍ୟାନ୍ ସହାୟତାରେ ନେଇ କିଛି ଦୂରରେ ଥିବା ଟ୍ରକରେ ଲୋଡ଼୍ କରିଥିଲେ ଏବଂ ଫେରାର ମାରିଥିଲେ। ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୩୧୦/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସହ ଝାରସୁଗୁଡ଼ା ଏସ୍‌ଡିପିଓ ଉମାଶଙ୍କର ସିଂ, ବଡ଼ମାଳ ଆଇଆଇସି ରାଜେନ୍ଦ୍ର ଶିଆଳ ଉପସ୍ଥିତ ଥିଲେ।

## ନିଃଶୁଳ୍କ ମୋତିଆବିନ୍ଦୁ ଚିହ୍ନଟ, ଉପଚାର ଶିବିର



୧୯ ଜଣଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ସମ୍ବଲପୁର ନିଆଯାଉଛି।

ବେଲପାହାଡ଼, ୧୪।୧୦(ସୁବାସ ପ୍ରଧାନ) ଝାରସୁଗୁଡ଼ା ଜିଲା ବେଲପାହାଡ଼ ସ୍ଥିତ ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ଲିମିଟେଡ୍‌ର ସିଏସ୍‌ଆର୍ ସ୍ୱାସ୍ଥ୍ୟ ପ୍ରୋଜେକ୍ଟ 'ନେତ୍ର ଜ୍ୟୋତି' ଅନ୍ତର୍ଗତ ନିଃଶୁଳ୍କ ମୋତିଆବିନ୍ଦୁ ଚିହ୍ନଟ ଓ ଉପଚାର ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବେଲପାହାଡ଼ ୱାର୍ଡ ନମ୍ବର ୩ର ଗଙ୍ଗାଧର ମେହେର ଭବନ ଠାରେ ସମ୍ବଲପୁର ତ୍ରିଲୋଚନ ନେତ୍ରାଳୟର ସହଭାଗିତାରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏଥିରେ ମୋଟ ୧୫୦ ଜଣ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୯ଜଣଙ୍କୁ ମୋତିଆବିନ୍ଦୁ ରୋଗରେ ପୀଡିତ ବୋଲି ଚିହ୍ନଟ କରାଯାଇଛି। ଚିହ୍ନଟ କରାଯାଇଥିବା ରୋଗୀମାନଙ୍କୁ ତ୍ରିଲୋଚନ ନେତ୍ରାଳୟକୁ ସର୍ଜରୀ ପାଇଁ ପଠାଯାଇଛି। ସର୍ଜରୀ ସହ ରହିବା ବ୍ୟବସ୍ଥା, ଖାଦ୍ୟ, ଚଷମା ଓ ଯାତାୟାତ ସହିତ ସମସ୍ତ ବ୍ୟୟ ଟିଆର୍‌ଏଲ୍ କ୍ରୋସାକି କମ୍ପାନୀ ତରଫରୁ ବହନ କରାଯିବ। ଏହି ପଦକ୍ଷେପ ଡ. ସନ୍ତୋଷ କୁମାର ମିଶ୍ର, ଜି ଏମ୍ (ପିଆର ଓ ସିଏସ୍‌ଆର) ଙ୍କ ନେତୃତ୍ୱରେ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦୀପକ ସାହୁ, ଡେପୁଟି ମ୍ୟାନେଜର (ପିଆର ଓ ସିଏସ୍‌ଆର) ଓ ସିଏସ୍‌ଆର ବିଭାଗର ଅନ୍ୟାନ୍ୟ କର୍ମଚାରୀ ଯଥା ବ୍ରଜବନ୍ଧୁ ଶତପଥି, ସରୋଜ ମେହେର ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ବର୍ଷରେ ଏହାକୁ ମିଶାଇ ଏପର୍ଯ୍ୟନ୍ତ ମୋଟ ୫ଟି ମୋତିଆବିନ୍ଦୁ ଶିବିର ସଫଳତାର ସହିତ ଆୟୋଜିତ ହୋଇସାରିଛି। ଯେଉଁଠାରେ ୬୫୦ ବରିଷ୍ଠ ପୁରୁଷ ଓ ମହିଳା ଲାଭାନ୍ୱିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭୬ ଜଣଙ୍କ ସଫଳ ମୋତିଆବିନ୍ଦୁ ଅସ୍ତ୍ରୋପଚାର ତ୍ରିଲୋଚନ ନେତ୍ରାଳୟରେ କରାଯାଇଛି। ସ୍କୁଲରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କର ମଧ୍ୟ ନିଃଶୁଳ୍କ ଚକ୍ଷୁ ପରୀକ୍ଷଣ କରାଯାଇ ମାଗଣାରେ ଚଷମା ପ୍ରଦାନ କରାଯାଉଛି। ପ୍ରୋଜେକ୍ଟ ନେତ୍ର ଜ୍ୟୋତିର ଲକ୍ଷ୍ୟ ହେଉଛି ଗ୍ରାମାଞ୍ଚଳରେ ବରିଷ୍ଠ ନାଗରିକ ଓ ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ଓ ଗୁଣାତ୍ମକ ଚକ୍ଷୁ ସେବା ପ୍ରଦାନ କରିବା ଯଦ୍ୱାରା କି ସମୟ ଥାଉ ଥାଉ ଦୃଷ୍ଟିଶକ୍ତିର ଅବନତି କିମ୍ବା ଦୃଷ୍ଟିଶକ୍ତି ହରାଇବା ଭୟକୁ ଦୂର କରିବା।

## ଓପିଟିସିଏଲ୍ ପକ୍ଷରୁ ଲଖନପୁର ଗ୍ରୀଡ୍ ସବଷ୍ଟେସନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ଲାଗି ବିଦ୍ୟୁତ୍ କଟକଣା

ଝାରସୁଗୁଡ଼ା,୧୪।୧୦(ଆଶିଷ ରଞ୍ଜନ ଦାଶ)–ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ (ଓପିଟିସିଏଲ୍) ପକ୍ଷରୁ ୧୩୨/୩୩ କେ.ଭି. ଲଖନପୁର ଗ୍ରୀଡ ସବ୍‌ଷ୍ଟେଶନରେ ରକ୍ଷଣାବେକ୍ଷଣ କାର୍ଯ୍ୟ ହେବ । ଏଥିଲାଗି ଝାରସୁଗୁଡ଼ା ଜିଲା ଅନ୍ତର୍ଗତ ବେଲପାହଡ଼ ପୌରପାଳିକା, ଲଖନପୁର, ରେମତା, ରେଙ୍ଗାଲି, ଝାରୁପଡା, ଗୋବିନ୍ଦପୁର, ଧୁଲୁଣ୍ଡା, ବାଗମୁଣ୍ଡା, ବେହେରାମାଲ, ଭାନୁରଖୋଲ, ଭିକମପାଲି, ଚାରପାଲି, ଦେହେରାଦୀପ, ଜାମଗାଁ, ଜୋରବଗା, ଜୁନାଡିହି, କଦମଡିହି, କନକତୋରା, କଣ୍ଟାଟିକ୍ରା, କୁଦବଗା, କୁରେମାଲା ଆଦି ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳରେ ଅକ୍ଟୋବର ୧୫ ବୁଧବାର ସକାଳ ୭ଟା ୩୦ରୁ ଅପରାହ୍ନ ୪ଟା ୩୦ ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ। ତେଣୁ ସାମୟିକ ସମୟ ପାଇଁ ବିଦ୍ୟୁତ୍ ସେବା ବ୍ୟାହତ ହେବା ଲାଗି ଟିପିଡବ୍ଲ୍ୟୁଓଡିଏଲ କର୍ତ୍ତୃପକ୍ଷ ଜନସାଧାରଣଙ୍କ ସହଯୋଗ କାମନା କରୁଥିବା ସୂଚନା ଦେଇଛନ୍ତି।

# ଜବରଦଖଲରେ ଥିବା ଦୋକାନ ଉଚ୍ଛେଦ

**ପୌର ପରିଷଦ ଦ୍ୱାରା ବେଲପାହାଡ଼ ଫାଟକରେ ଉଚ୍ଛେଦ ଅଭିଯାନ**

ବେଲପାହାଡ଼,୧୪।୧୦(ସୁବାସ ପ୍ରଧାନ)

ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ଜିଲା ପ୍ରଶାସନ ଏବଂ ବେଲପାହାଡ ପୌର ପରିଷଦ ପକ୍ଷରୁ ମଙ୍ଗଳବାର ସକାଳେ ବେଲପାହାଡ଼ ସହରସ୍ଥିତ ଫାଟକ ନିକଟରେ ବେଆଇନ ଜବରଦଖଲରେ ଥିବା ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଲଖନପୁର ଅତିରିକ୍ତ ତହସିଲଦାର ସନ୍ତୋଷ ନାଏକ, ବେଲପାହାଡ଼ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ, ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବେଲପାହାଡ଼ ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ମେହେରଙ୍କ ସମେତ ପୋଲିସ ଫୋର୍ସ ଓ ପୌର କର୍ମଚାରୀ ସାମିଲ ରହିଥିଲେ। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏହି ଉଚ୍ଛେଦ କାର୍ଯ୍ୟନିର୍ବାହ କରାଯାଇଛି ବୋଲି ମାଜିଷ୍ଟ୍ରେଟ ସନ୍ତୋଷ ନାଏକ ଗଣମାଧ୍ୟମକୁ କହିଛନ୍ତି। ଦୋକାନୀ ଓ ସ୍ଥାନୀୟ ବାସିନ୍ଦାଙ୍କ ଦୃଢ଼ ବିରୋଧ ସତ୍ତ୍ୱେ ବେଲପାହାଡ଼ ଫାଟକରେ ଥିବା ୨୦ଟି ବିଭିନ୍ନ ପ୍ରକାର ଦୋକାନକୁ ମଙ୍ଗଳବାର ଉଚ୍ଛେଦ କରାଯାଇଛି। ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରଥମେ ଥଇଥାନ କର, ତା'ପରେ ଏଠାରୁ ଉଚ୍ଛେଦ କରାଯାଉ ବୋଲି ଦୋକାନୀମାନେ ଦାବି କରିଥିଲେ। ଜଣେ ବ୍ୟକ୍ତି ନିର୍ଦ୍ଧାରିତ ସ୍ଥାନରେ ଥିବା କିଛି ଜମିକୁ ନିଜର ବୋଲି ଦର୍ଶାଇ ଏହି ମାମଲା ବର୍ତ୍ତମାନ କୋର୍ଟରେ ବିଚାରାଧୀନ ଥିବା ମଧ୍ୟ କହିଥିଲେ। ଦୋକାନୀ ଓ ସ୍ଥାନୀୟ ବାସିନ୍ଦା ଦୃଢ଼ ବିରୋଧ କରି ପ୍ରଥମେ କିଛି ସମୟ ଧରି ଧାରଣାରେ ମଧ୍ୟ ବସିଥିଲେ। ପରେ ପୋଲିସ ଫୋର୍ସ ଲଗାଯାଇ ଜେସିବି ଗାଡ଼ି ଯୋଗେ ଦୋକାନକୁ ଭାଙ୍ଗି ଉଚ୍ଛେଦ ପ୍ରକ୍ରିୟା କରିଥିଲେ। ସନ୍ଧ୍ୟା ପ୍ରାୟ ୬ ଟାରେ ଉଚ୍ଛେଦ ପ୍ରକ୍ରିୟା ସମାପ୍ତ ହୋଇଥିଲା। ଅନ୍ୟ ପଟରେ ସେହି କ୍ଷୁଦ୍ର ବ୍ୟବସାୟୀଙ୍କୁ ବେଲପାହାଡ଼ ପୌର ପରିଷଦ ପକ୍ଷରୁ ପଞ୍ଜିକୃତ ବ୍ୟବସାୟିକ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ବିଭିନ୍ନ ସୂତ୍ରରୁ ହଜାର ହଜାର ଟଙ୍କା ଋଣ ନେଇ କିଏ ଚା, କିଏ ଜଳଖିଆ, କିଏ ପନିପରିବା, କିଏ କୁକୁଡ଼ା, କିଏ ଫାଷ୍ଟ ଫୁଡ ଆଦି ଦୋକାନ ଦେଇଥିଲେ। ତେଣୁ ସେମାନଙ୍କୁ ତାଙ୍କ ହକ ଓ ଅଧିକାରରୁ ବଞ୍ଚିତ କରା ନ ଯାଉ ବୋଲି ଦୋକାନୀମାନେ ଦାବି କରିଥିଲେ। ବିରୋଧକାରୀଙ୍କ ମଧ୍ୟରେ କଂଗ୍ରେସ ଟାଉନ ସଭାପତି ଭାସ୍କର ପଟେଲ, ଟୁଲୁ ମେହେର, ହେମସାଗର ପଟ୍ଟନାୟକ, ନବୀନ ଡିଲା, ଦୋକାନୀ ପିଙ୍କୁ ମିଶ୍ର, ଫିରୋଜ ସୁରେନ, ଅଲେଖ ନାଏକ, ନିରାକାର ନାଏକ, ସୁରେଶ ବାନୀ, ରାଜେଶ ମୁଣ୍ଡା, ଏମଡି ରଫିକ, ଶିବ ବାଗ, ମହେନ୍ଦ୍ର ଧୁରୁଆ, ପ୍ରଭାତ ପୂଜାରୀ, ସବିର ଅଲି ପ୍ରମୁଖ ସାମିଲ ରହିଥିଲେ। ଏପରିକି ଫାଟକ ସ୍ଥିତ ଦୋକାନଗୁଡ଼ିକୁ ଉଚ୍ଛେଦ ପାଇଁ ପୂର୍ବରୁ କୌଣସି ନୋଟିସ ଦିଆ ନ ଯାଇ ଏହି ଉଚ୍ଛେଦ କରାଯାଉଥିବା କେତେକ ଦୋକାନୀ ଅଭିଯୋଗ କରିଛନ୍ତି। ଅନ୍ୟ ପଟେ ଏହା ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ଗତ ସେପ୍ଟେମ୍ବର ୧୮ରେ ଫାଟକ ନିକଟରେ ଥିବା ମୋଟ ୨୦ ଦୋକାନୀଙ୍କୁ ନୋଟିସ ଜାରି କରାଯାଇଥିବା କୁହାଯାଇଛି। ପ୍ରଶାସନ ପକ୍ଷରୁ ବେଲପାହାଡ଼ ଥାନା ଓ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ପୌର ପରିଷଦ ପକ୍ଷରୁ ନିର୍ମିତ ଭେଣ୍ଡିଂ ଜୋନରେ ସେହି ଦୋକାନୀମାନଙ୍କୁ ଶୀଘ୍ର ଥଇଥାନ କରାଯାଉ ବୋଲି ଦାବି ହୋଇଛି।



ବେଲପାହାଡ଼ରେ ଉଚ୍ଛେଦ ବେଳେ ପ୍ରଶାସନ ଓ ଦୋକାନୀ ମୁହାଁମୁହିଁ ହେଉଛନ୍ତି।

## ଜିଲ୍ଲାସ୍ତରୀୟ ପୋଷଣ ମାସ ପାଳନ

### ଶିଶୁଙ୍କୁ ସୁସ୍ଥ ଜୀବନ ଦେବା ନେଇ ଆଲୋଚନା



ଅତିଥିମାନେ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରୁଛନ୍ତି।

ଦେବଗଡ଼,୧୪।୧୦(ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସେପ୍ଟେମ୍ବର ୧୭ ରୁ ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ପୋଷଣ ମାସ ପାଳନ କରାଯାଉଛି। ଏହି କ୍ରମରେ ମଙ୍ଗଳବାର ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ପୋଷଣ ମାସ ପାଳନ କରାଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀଣୀ ସୁରତୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ବଂଶୀଧର ପାତ୍ର, ଆସିଷ୍ଟାଣ୍ଟ ମ୍ୟାନେଜର ଆର୍.ବିଏସ କେ ମୁକେଶ ଭୋଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଶିଶୁଙ୍କୁ ପୁଷ୍ଟିକର ତଥା ପୋଷଣ ଯୁକ୍ତ ଖାଦ୍ୟ ଯୋଗାଇଦେବା ସହିତ ଶିଶୁଙ୍କ ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାକୁ ଲୋକାଭିମୁଖୀ କରିବା ଏବଂ ଶିଶୁକୁ କିପରି ସୁସ୍ଥ ଜୀବନ ଶୈଳୀ ଦିଆଯାଇପାରିବ ସେହି ଉପରେ ଆଲୋକପାତ କରିଥିଲେ। ପୂର୍ବରୁ ଆୟୋଜିତ ହୋଇଥିବା ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପୋଷଣ ଉପରେ ଚିତ୍ରାଙ୍କନ, ଜଣା ଅଜଣା, ଓଡ଼ିଆ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ୩ବ୍ଲକର ପୁରୁଷ ଯତ୍ନ ପ୍ରଦାନକାରୀ ବାରକୋଟ ବ୍ଲକର ଭେସେଜ କୁମାର ଧଳ, ତିଳେଇବଣି ବ୍ଲକର ଜୟ ଧାଙ୍ଗର,ରିଆମାଳ ବ୍ଲକର ଦୁର୍ବାଦଳ ପ୍ରଧାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରକାର ଖାଦ୍ୟର ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା। ବୈଠକରେ ଆଶା,ଏସ୍‌ଏଚ୍‌ଜି ମହିଳା, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ର, ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ସୁପର ଭାଇଜର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା ସଂଯୋଜକ ପୋଷଣ ମନୋଜ କୁମାର ଆଚାର୍ଯ୍ୟ ସଂଯୋଜନା କରିଥିଲେ।

## ଜିଲ୍ଲାସ୍ତରୀୟ ଏକାଙ୍କିକା ପ୍ରତିଯୋଗିତା




ଏକାଙ୍କିକା ନାଟକ ପ୍ରତିଯୋଗିତା ମଞ୍ଚାସିନ ଅତିଥି।

ଦେବଗଡ଼,୧୪।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦେବଗଡ଼ ପରିସରରେ ଜିଲ୍ଲାସ୍ତରୀୟ ଏକାଙ୍କିକା ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଶିକ୍ଷାଧିକାରୀ ଗେନ୍ଦ୍ରା କୁଜୁର ଦୀପ ପ୍ରଜ୍ୱଳନପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମହିମା ହେମ୍ବ୍ରମ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ ତିନୋଟି ବ୍ଲକ ଚୟନ ହୋଇ ଆସିଥିବା ମୋଟ ୧୨ଟି ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବିଚାରକ ଥିଲେ ଦେବଗଡ଼ ମହିଳା ମହାବିଦ୍ୟାଳୟ ଅଧାପକ ଚିତ୍ତରଞ୍ଜନ ଦାସ, ନାଟ୍ୟ ଅଭିନେତା ପ୍ରଦୀପ ଅମାନ୍ତ, ରାକେଶ କୁମାର ଶତପଥୀ । ପ୍ରତିଯୋଗିତାରେ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ଏକାଙ୍କିକା ନାଟକ ପ୍ରଥମ, ଅପୂର୍ବ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ନାଟକ ଦ୍ୱିତୀୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ନାଟକ ତୃତୀୟ ସ୍ଥାନ ଅଧିକାର କରିଥିଲା। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଘୁଟା, ପ୍ରଧାନ ଶିକ୍ଷୟିତ୍ରୀ ମହିମା ହେମ୍ବ୍ରମ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ଆସ ସ୍କୁଲ ଯିବା ଶୋଭାଯାତ୍ରା

### ସଚେତନତା ପଦଯାତ୍ରାରେ ସାମିଲ ହେଲେ ଛାତ୍ରୀଛାତ୍ର

ଦେବଗଡ଼,୧୪।୧୦ ଶଶାଙ୍କ ଶେଖର ଝାଙ୍କର)

ବିଦ୍ୟାଳୟ, ଗଣଶିକ୍ଷା ବିଭାଗ ଓଡ଼ିଶା ସରକାର ଓ ସମଗ୍ର ଶିକ୍ଷା ଦେବଗଡ଼ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାସ୍ତରୀୟ ପଦଯାତ୍ରା ବାଳକ ପ୍ରାଥମିକ ବିଦ୍ୟାଳୟଠାରେ ଜିଲା ଶିକ୍ଷା ଅଧିକାରୀ କେନ୍ଦ୍ରା କୁଜୁରଙ୍କ ତତ୍ତ୍ୱାବଧାନରେ ବାହାରିଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ , ବରଣ୍ୟ ଅତିଥି ଭାବେ ଭାରପ୍ରାପ୍ତ ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଓ ଅତିରିକ୍ତ ଶିକ୍ଷାଧିକାରୀ ଶକୁନ୍ତଳା ଟେଟେ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନକରି ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରା ସହର ପରିକ୍ରମାକରି ଲୋକଙ୍କୁ ସଚେତନତା ବାର୍ତ୍ତା ପ୍ରେରଣ କରିଥିଲା। ଶିକ୍ଷା ଅଧିକାର ଆଇନ ୨୦୦୯ ଅନୁଯାୟୀ ପ୍ରତ୍ୟେକ ପିଲାଙ୍କର ବିଦ୍ୟାଳୟରେ ପାଠ ପଢ଼ିବାର ଅଧିକାର ଅଛି। ଅଧାରୁ ପାଠ ଛାଡିଥିବା, ଆଦୌ ନାମ ଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲକରିବା ପାଇଁ ରାଜ୍ୟବ୍ୟାପୀ ଅଭିଯାନ ଲକ୍ଷ୍ୟ ରଖିଛନ୍ତି। ରାଜ୍ୟ ସରକାରଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ବିଦ୍ୟାଳୟରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜନ୍ମରୁ ୧୮ ବର୍ଷ ବୟସର ସମସ୍ତ ପିଲାଙ୍କର ଘର ଘର ବୁଲି ଏକ ସର୍ବେକ୍ଷଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର,ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସିଆର୍‌ସି ପ୍ରାଣବନ୍ଧୁ ଘୋଡ଼ାଇ ସଂଯୋଜନା କରିଥିଲେ।




ଛାତ୍ରୀଛାତ୍ର ପଦଯାତ୍ରାରେ ବାହାରିଛନ୍ତି।

## ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ପାଇଁ ସମୀକ୍ଷା ବୈଠକ

ଦେବଗଡ,୧୪।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ବାଲିରୋଇଠାରେ ନିର୍ମାଣ ହୋଇଥିବା ନୂତନ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ପାଇଁ ମଙ୍ଗଳବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ ଆୟୋଜିତ ହୋଇଥିଲା। ବସ ଟର୍ମିନାଲରୁ ଏନ୍‌ଏଚ୍ ୪୯କୁ ବସ ଚଳାଚଳ କରିବା ସହିତ ସଡ଼କ ସୁରକ୍ଷାକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ, ପୋଲିସ କର୍ମଚାରୀଙ୍କ ଦ୍ୱାରା ଟ୍ରାଫିକ ବ୍ୟବସ୍ଥା, ଷ୍ଟ୍ରିଟ ଲାଇଟ ସ୍ଥାପନ, ସିଗନାଲ ସ୍ଥାପନ, ଜନସାଧାରଣଙ୍କ ପରିବହନ ପାଇଁ ଅଟୋ ଚଳାଚଳ, ଦୋକାନ ଗୃହ, ପାନୀୟ ଜଳ ସୁବିଧା ଓ ବସ ଷ୍ଟାଣ୍ଡକୁ ପରିଷ୍କାର ପରିଚ୍ଛନ୍ନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚପର୍ଦାର, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ସଭାପତି ଘରୋଇ ବସ ମାଲିକ ସଂଘ ରାଜକିଶୋର ଦାସ ଓ ସମ୍ପାଦକ ପୂର୍ଣ୍ଣାନନ୍ଦ ପାଣି, ଘରୋଇ ବସ ସଦସ୍ୟ ସୁବାସ କୁମାର ପୃଷ୍ଟି, ଅଧୀକ୍ଷଣ ଯନ୍ତ୍ରୀ (ରାସ୍ତା ଓ ଗୃହ) ଅଭିଷେକ ଓଝା, ଅଧୀକ୍ଷଣ ଯନ୍ତ୍ରୀ ଟିପିଡବ୍ଲ୍ୟୁଓ ରାଜୁ ସାହା, ପୌରପରିଷଦ ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, ଡିଆଇପିଆରଓ ମନୋରଞ୍ଜନ ସୂତାର ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଉପସ୍ଥିତ ଥିଲେ ।

# ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ

- ସୁରକ୍ଷା ସାମଗ୍ରୀ ବିନା ବିଦ୍ୟୁତ କାମ
- ବିନା ହେଲମେଟରେ ସ୍କୁଟି ଚଳାଉଛନ୍ତି ଛାତ୍ରୀ

ଝାରସୁଗୁଡା, ୧୪।୧୦(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରରେ ସରକାରୀ ନିୟମକୁ ବେଖାତିର କରିବା, ତାହାର ଖୋଲାଖୋଲି ଉଲ୍ଲଂଘନ କରିବା ଏବଂ ଏଥିରେ କୌଣସି କଟକଣା ନ ଥିବା ଘଟଣାର ଉଦାହରଣ ଦେଖିବାକୁ ମିଳିଛି। ଝାରସୁଗୁଡା ବେହେରାମାଲ ଫ୍ଲାଏ ଓଭର ବ୍ରିଜ ଉପରେ ଯାଇଥିବା ମୁଖ୍ୟ ବିଦ୍ୟୁତ୍ ତାରରେ କୌଣସି ଅସୁବିଧା ଯୋଗୁ ବିଭାଗର ଟିମ୍ ତାହାର ମରାମତି ପାଇଁ ଆସିଥିଲେ। ମରାମତି କାର୍ଯ୍ୟ ମଧ୍ୟ ଚାଲିଥିଲା। କିନ୍ତୁ ବିଦ୍ୟୁତ୍ ମରାମତି କରୁଥିବା କର୍ମଚାରୀ ମୁଣ୍ଡରେ ହେଲମେଟ, ହାତରେ ଗ୍ଲୋବ ପରି କୌଣସି ସୁରକ୍ଷା ସାମଗ୍ରୀ ବ୍ୟବହାର ନ କରି ମରାମତି କାର୍ଯ୍ୟରେ ବ୍ୟସ୍ତ ଥିଲେ। ଯାହାକି ନିଜ ଜୀବନ ପ୍ରତି ନିଜେ ବିପଦ ସୃଷ୍ଟି କରୁଥିବା ଏବଂ ସରକାରୀ ନିୟମ ଖୋଲାଖୋଲି ଉଲ୍ଲଂଘନର ଜ୍ୱଳନ୍ତ ପ୍ରମାଣ। ଅନ୍ୟପଟେ ସୋମବାର ପୂର୍ବାହ୍ନ ୧୦ଟାରେ ଦଶମ ଶ୍ରେଣୀର ଜଣେ ଛାତ୍ରୀ ଏକ ସ୍କୁଟିର ପଛରେ ଆଉ ୨ଜଣ ଝିଅଙ୍କୁ ବସାଇ ବିନା ହେଲମେଟରେ ବେହେରାମାଲରୁ ଝାରସୁଗୁଡା ସହରକୁ ସ୍କୁଟି ଚଳାଇ ଯାଉଥିଲେ। ଓଡ଼ିଶା ସରକାରଙ୍କ ଶିକ୍ଷା ବିଭାଗ ଏବେ ଦଶମ ଶ୍ରେଣୀର ଛାତ୍ରୀମାନଙ୍କ ପାଇଁ ପ୍ରଚଳନ କରିଥିବା ନୂତନ ଡ୍ରେସ କୋଡରୁ ଏମାନେ ଦଶମ ଶ୍ରେଣୀର ବୋଲି ଜଣାପଡିଥିଲା। ଏମାନଙ୍କ ବୟସ ପ୍ରାୟ ୧୫ ବର୍ଷ ହୋଇଥିବାବେଳେ ନିଜ ପାଖରେ ନା ଡ୍ରାଇଭିଂ ଲାଇସେନ୍ସ ନା ସ୍କୁଟି ଚଳାଇବାର ଅଭିଜ୍ଞତା ଅଛି। ଯାହାକି ସରକାରୀ ନିୟମର ଖୋଲାଖୋଲି ଉଲ୍ଲଂଘନ ସହିତ ନିଜ ଜୀବନକୁ ବାଜିରେ ଲଗାଇବା ସହିତ ସେମାନଙ୍କ ବେପରୁଆ ଗାଡି ଚାଳନା ବିପଦ ସୃଷ୍ଟି କରୁଛି। ଝାରସୁଗୁଡା ଜିଲା ପ୍ରଶାସନ ଏବଂ ପୋଲିସ ବିଭାଗ ଏପରି କାର୍ଯ୍ୟକଳାପ ଉପରେ ଧ୍ୟାନ ରଖିବା ଏବଂ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି।

**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**

E-mail : seec.bbsr2010@gmail.com

**Bid Identification No.S.E.E.C (R&B) 15/2025-26**

**No. 3689 / Date : 10.10.2025**

**No.B-602** : The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in : https://tendersorissa.gov.in. The details of bid documents will be available in the above website from dt.14.10.2025 at 05.00 P.M. to dt.29.10.2025 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.30.10.2025 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B), Odisha, BBSR

OIPR-34006/11/0053/2526

**୩ ବାଲି ବୋଝେଇ ଟ୍ରାକ୍ଟରକୁ ଧରି ଥାନାରେ ଜିମା**

